**ସୂଚିତଯୋଗ୍ୟ**

# ଭାରତର ସର୍ବୋଚ୍ଚ ନ୍ୟାୟାଳୟ

## ଫୌଜଦାରୀ ଅପିଲ କ୍ଷେତ୍ରାଧିକାର

## ଫୌଜଦାରୀ ଆବେଦନ ସଂଖ୍ୟା ୨୭୦ / ୨୦୨୨

## (ଏସଏଲପି (ସିଆରଏଲ) ସଂଖ୍ୟା ୩୧୧୩ / ୨୦୧୮ ରୁ ଉତ୍ପନ୍ନ)

ମେସର୍ସ ଟିଆରଏଲ କ୍ରୋସାକି ରିଫ୍ରାକ୍ଟୋରିଜ୍ ଲିମିଟେଡ .... ଆବେଦନକାରୀ(ମାନେ)

ବନାମ

ମେସର୍ସ ଏସଏମଏସ ଏସିଆ ପ୍ରାଇଭେଟ ଲିମିଟେଡ ଏବଂ ଅନ୍ୟଜଣେ

.... ଉତ୍ତରଦାତା(ମାନେ)

## ରାୟ

**ଏ.ଏସ. ବୋପାନ୍ନା, ନ୍ୟାୟମୂର୍ତ୍ତି**

୧. ଅନୁମତି ପ୍ରଦାନ କରାଗଲା ।

୨. ସିଆରଏଲଏମସି ସଂଖ୍ୟା ୧୨୧୦ / ୨୦୧୭ ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଦ୍ୱାରା ତା ୧୪.୧୨ .୨୦୧୭ ରିଖରେ ଦିଆଯାଇଥିବା ରାୟକୁ ଆବେଦନକାରୀ ଆପତ୍ତି କରୁଛନ୍ତି । ଉକ୍ତ ରାୟ ଜରିଆରେ, ଉଚ୍ଚ ନ୍ୟାୟାଳୟ ଆବେଦନର ଚୂଡାନ୍ତ ନିର୍ଣ୍ଣୟ କରିବାବେଳେ ଝାରସୁଗୁଡାର ବିଜ୍ଞ ଏସଡିଜେଏମଙ୍କ ଦ୍ୱାରା ତା ୦୫.୧୧.୨୦୧୫ ରିଖରେ ଦିଆଯାଇଥିବା ଆଦେଶକୁ ରଦ୍ଦ କରିଦେଇଛନ୍ତି, ଯାହା ବଳରେ ଆଇ.ସି.ସି. ମାମଲା ନମ୍ବର ୪୨୨/ ୨୦୧୫ ର ସଂଜ୍ଞାନ ନିଆଯାଇଥିଲା ଏବଂ ସେଥିରେ ଡକରା ଜାରି କରାଯାଇ ଥିଲା । ତେଣୁ ଆବେଦନକାରୀ, ଯିଏ ଆଇ.ସି.ସି. ମାମଲା ସଂଖ୍ୟା ୪୨୨/୨୦୧୫ ରେ

ଜଣେ ଅଭିଯୋଗକାରୀ ଅଟନ୍ତି, ଉକ୍ତ ରାୟ ଦ୍ୱାରା ବ୍ୟଥିତ ହୋଇଥିବା ଦାବି କରି ଏହି ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି ।

୩. ସଂକ୍ଷେପରେ ବିଷୟବସ୍ତୁ ହେଉଛି ଯେ ଏହି ଆବେଦନର ପ୍ରତିବାଦୀ ତା୧୩.୦୩.୨୦୧୫ ରିଖରେ ଆବେଦନକାରୀ କମ୍ପାନୀ ନାମରେ ମୋଟ ୧,୧୦,୦୦,୦୦୦/- ଟଙ୍କା (ଏକ କୋଟି ଦଶ ଲକ୍ଷ ଟଙ୍କା) ମୂଲ୍ୟର ସାତଟି ଚେକ୍ ଜାରି କରିଥିଲେ । ଉପସ୍ଥାପନା କରାଯିବା ପରେ ଉକ୍ତ ଚେକଗୁଡ଼ିକ ବ୍ୟାଙ୍କ ଦ୍ୱାରା ଅସ୍ୱୀକାର ହୋଇଯାଇଥିଲା ଏବଂ 'ଆକାଉଣ୍ଟ କ୍ଲୋଜଡ୍' ପୃଷ୍ଠାଙ୍କନ ସହିତ ଫେରିଥିଲା । ଏହି ଦୃଷ୍ଟିରୁ ଆବେଦନକାରୀ ତା ୧୪.୦୪.୨୦୧୫ ରିଖରେ ପଞ୍ଜୀକୃତ ଡାକ, ପ୍ରାପ୍ତି ସ୍ୱୀକୃତି ମାଧ୍ୟମରେ ନୋଟିସମାନ ଜାରି କରିଥିଲେ । ଯଦିଓ ଡାକ ପ୍ରାପ୍ତି ସ୍ୱୀକୃତି ଅନୁଯାୟୀ ତା ୧୬.୦୪.୨୦୧୫ ରିଖରେ ନୋଟିସଗୁଡିକ ମିଳିଥିଲା, ତଥାପି ପ୍ରତିବାଦୀ ଦାବି ପୂରଣ କରିବାରେ ବା ଏହାର ଉତ୍ତର ଦେବାରେ ବିଫଳ ହୋଇଥିଲେ । ଏହି ଦୃଷ୍ଟିରୁ, ଆବେଦନକାରୀ ଆଲୋଚନୀୟ ଦଲିଲ (ନେଗୋଶିଏବଲ ଇନଷ୍ଟ୍ରୁମେଣ୍ଟସ) ଅଧିନିୟମ, ୧୮୮୧ (ସଂକ୍ଷେପରେ 'ଏନ.ଆଇ. ଅଧିନିୟମ') ର ଧାରା ୧୩୮ ଏବଂ ୧୪୨ ଅଧୀନରେ ପାନପୋଶ, ଉଦିତନଗର ରାଉରକେଲାର ସବ୍ ଡିଭିଜନାଲ ନ୍ୟାୟିକ ମାଜିଷ୍ଟ୍ରେଟ (ସଂକ୍ଷେପରେ ଏସ ଡି ଜେ ଏମ) ଙ୍କ ନିକଟରେ ଅଭିଯୋଗ ଦାଖଲ କରିଥିଲେ । ମୌଖିକ ଶପଥ ଦ୍ୱାରା ବିବୃତି ବଦଳରେ, ଅଭିଯୋଗକାରୀଙ୍କ ତରଫରୁ ଦାଖଲ କରାଯାଇଥିବା ଶପଥପତ୍ର ଆଧାରରେ ଏହି ଅଭିଯୋଗକୁ ପଞ୍ଜୀକୃତ କରାଯାଇଥିଲା । ପର୍ଯ୍ୟାପ୍ତ ପରିମାଣରେ ତଥ୍ୟ ରହିଥିବା ଏବଂ ଅଭିଯୁକ୍ତଙ୍କ ବିରୋଧରେ ଏନ.ଆଇ. ଅଧିନିୟମର ଧାରା ୧୩୮ ଅନୁଯାୟୀ କରାଯାଇଥିବା ଅଭିଯୋଗଟି ନ୍ୟାୟସଙ୍ଗତ ବୋଲି ସନ୍ତୁଷ୍ଟି କଲା ପରେ, ମାନ୍ୟବର ଏସଡିଜେଏମ ବିଚାର ପାଇଁ ମାମଲାର ସଂଜ୍ଞାନ

ନେଇଥିଲେ ଏବଂ ତା ୦୫.୧୧.୨୦୧୫ ରିଖ ଆଦେଶ ଜରିଆରେ ପ୍ରତିବାଦୀ - ଅଭିଯୁକ୍ତଙ୍କୁ ଡକରା ଜାରି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

୪. ତେବେ ଯାହାହେଉ, ବର୍ତ୍ତମାନ ଆବେଦନର ପ୍ରତିବାଦୀ ଜଣକ ତା ୦୫.୧୧.୨୦୧୫ ରିଖରେ ଦିଆଯାଇଥିବା ଆଦେଶରେ ବ୍ୟଥିତ ହୋଇଥିବା ଦାବି କରି ଉଚ୍ଚ ନ୍ୟାୟାଳୟରେ ଫୌଜଦାରୀ କାର୍ଯ୍ୟବିଧି ସଂହିତା (ସଂକ୍ଷିପ୍ତରେ 'ସି ଆର ପି ସି') ର ଦଫା ୪୮୨ ଅଧୀନରେ ସିଆରଏଲଏମସି ସଂଖ୍ୟା ୧୨୧୦ / ୨୦୧୭ ନାମକ ଏକ ଆବେଦନପତ୍ର ଦାଖଲ କରିଥିଲେ । ଉକ୍ତ ଆବେଦନରେ ପ୍ରତିବାଦୀ ଯୁକ୍ତି ଦର୍ଶାଇଥିଲେ ଯେ ଅଭିଯୋଗଟି ଜଣେ ଅଯୋଗ୍ୟ ବ୍ୟକ୍ତିଙ୍କ ଦ୍ୱାରା ଦାଖଲ କରାଯାଇଥିଲା ଯେଉଁଥିରେ ଦୃଢୋକ୍ତି ନଥିବା ସତ୍ତ୍ୱେ ମାନ୍ୟବର ଏସଡିଜେଏମ ବିଚାର ପାଇଁ ଏହାର ସଂଜ୍ଞାନ ନେଇଥିଲେ ଏବଂ ଡକରା ଜାରି କରିଥିଲେ । ଏହି ପରିପ୍ରେକ୍ଷୀରେ, ଯୁକ୍ତି କରାଯାଇଥିଲା ଯେ ଅଭିଯୋଗକାରୀ କମ୍ପାନୀର ପ୍ରତିନିଧିତ୍ୱ କରୁଥିବା ଏହାର ମହାପ୍ରବନ୍ଧକ (ହିସାବ) ଶ୍ରୀ ଶୁଭାଶିଷ କୁମାର ଦାସ ଏହି ଆରୋପିତ ଦେଣନେଣ କାରବାର ବିଷୟରେ ଅବଗତ ନଥିଲେ କି ଏହାର ସାକ୍ଷୀ ମଧ୍ୟ ନଥିଲେ । ସେହି ଆଲେଖ୍ୟରେ, ପ୍ରତିବାଦୀ ଯୁକ୍ତି ଦର୍ଶାଇଥିଲେ ଯେ ମାମଲାର ସଂଜ୍ଞାନ ନେଇ ଓ ସେମାନଙ୍କୁ ଡକରା ଜାରି କରି ଦିଆଯାଇଥିବା ଆଦେଶ ରଦ୍ଦ ହେବା ଯୋଗ୍ୟ । ଉଚ୍ଚ ନ୍ୟାୟାଳୟ ଉକ୍ତ ବିବାଦକୁ ଗ୍ରହଣ କରି ଏବଂ **ଏ.ସି. ନାରାୟଣନ ବନାମ ମହାରାଷ୍ଟ୍ର ରାଜ୍ୟ ଏବଂ ଅନ୍ୟଜଣେ** (୨୦୧୪) ୧୧ ଏସ ସି ସି ୭୯୦ ମାମଲାରେ ଦିଆଯାଇଥିବା ରାୟ ଉପରେ ନିର୍ଭର କରି ଏହି ମାମଲାର ଶୁଣାଣି କରିବାବେଳେ କହିଛନ୍ତି ଯେ କମ୍ପାନୀ କେତେବେଳେ ଏବଂ କିପରି ନିଜର ମହାପ୍ରବନ୍ଧକ (ହିସାବ)ଙ୍କୁ ଅଭିଯୋଗ ଦାଖଲ କରିବା ପାଇଁ ପ୍ରାଧିକୃତ କରିଥିଲା ତାହା ଅଭିଯୋଗରେ ବା ଶପଥପତ୍ରରେ ଉଲ୍ଲେଖ ହୋଇନାହିଁ । ପୁନଶ୍ଚ ଏହା ମଧ୍ୟ କୁହାଯାଇଛି ଯେ ମହାପ୍ରବନ୍ଧକ (ହିସାବ) ଏହି ଦେଣନେଣ କାରବାର

ବିଷୟରେ ଅବଗତ ଥିଲେ କି ନା ଅବା ଏହି ଦେଣନେଣ କାରବାରର ସାକ୍ଷୀ ଥିଲେ କି ନା, ଏହି ସତ୍ୟତା ଉପରେ ଅଭିଯୋଗରେ କୌଣସି ଦୃଢୋକ୍ତି ନାହିଁ। ଏହା ମଧ୍ୟ କୁହାଯାଇଥିଲା ଯେ ଅଭିଯୋଗକାରୀ କମ୍ପାନୀର ନିର୍ଦ୍ଦେଶକ ମଣ୍ଡଳୀର ନା କୌଣସି ସଂକଳ୍ପ ଅଥବା ଅଭିଯୋଗକାରୀ କମ୍ପାନୀର ପ୍ରତିନିଧିତ୍ୱ କରି ଅଭିଯୋଗ କରିଥିବା ବ୍ୟକ୍ତିଙ୍କ ସପକ୍ଷରେ କମ୍ପାନୀର କୌଣସି ପ୍ରାଧିକାର ଅର୍ପଣପତ୍ର ମାଜିଷ୍ଟ୍ରେଟଙ୍କ ଅନୁଧ୍ୟାନାର୍ଥେ ଦାଖଲ କରାଯାଇଥିଲା । ମହାପ୍ରବନ୍ଧକ (ହିସାବ)ଙ୍କ ସପକ୍ଷରେ ଅଭିଯୋଗକାରୀ କମ୍ପାନୀର ପରିଚାଳନା ନିର୍ଦ୍ଦେଶକଙ୍କ ଦ୍ୱାରା ଜାରି କରାଯାଇଥିବା ପ୍ରାଧିକାର ଅର୍ପଣପତ୍ର କେବଳ ଉପସ୍ଥାପନ କରାଯାଇଥିଲା ଏବଂ ଉକ୍ତ ପ୍ରାଧିକାର ପତ୍ରରେ କମ୍ପାନୀ ତରଫରୁ ଅଭିଯୋଗ ଦାଖଲ କରିବା ଲାଗି ମହାପ୍ରବନ୍ଧକ (ହିସାବ)ଙ୍କୁ ନିଜର କ୍ଷମତା ପ୍ରଦାନ କରିବା ଲାଗି ନିର୍ଦ୍ଦେଶକଙ୍କ ବୋର୍ଡ, ପରିଚାଳନା ନିର୍ଦ୍ଦେଶକଙ୍କୁ କ୍ଷମତା ପ୍ରଦାନ କରିଛି କି ନାହିଁ, ତାହା ଉଲ୍ଲେଖ କରାଯାଇନାହିଁ ।

୫. ଆବେଦନକାରୀଙ୍କ ତରଫରୁ ହାଜର ଥିବା ଶ୍ରୀମାନ ବରିଷ୍ଠ ଅଧିବକ୍ତା ଶ୍ରୀ ଅଶୋକ କୁମାର ପରିଜା, ଉଚ୍ଚ ନ୍ୟାୟାଳୟର ନିଷ୍ପତ୍ତିକୁ ତୀବ୍ର ବିରୋଧ କରିବା ସମୟରେ ଉଚ୍ଚ ନ୍ୟାୟାଳୟ **ଏ. ସି. ନାରାୟଣନ** (ପୂର୍ବୋକ୍ତ) ମାମଲାରେ ସ୍ପଷ୍ଟରୂପେ ଉଚ୍ଚାରିତ ହୋଇଥିବା ସିଦ୍ଧାନ୍ତକୁ ଉପଯୋଗ କରି, ଆପତ୍ତି ଉଠାଇବା ପାଇଁ ଆବେଦନକାରୀ ଉପଯୁକ୍ତ ନୁହଁନ୍ତି ଦର୍ଶାଇ ଗର୍ହିତ ଭୁଲ କରିଛନ୍ତି ବୋଲି ଯୁକ୍ତି ବାଢିଛନ୍ତି । ଯୁକ୍ତି ଦର୍ଶାଯାଇଛି ଯେ ଉକ୍ତ ନିର୍ଣ୍ଣୟରେ, ମାମଲା ପରିଚାଳନା କରିବା ନିମନ୍ତେ ଜଣେ ବ୍ୟକ୍ତିଙ୍କ ଦ୍ୱାରା ଅନ୍ୟ ଜଣେ ବ୍ୟକ୍ତିଙ୍କ ସପକ୍ଷରେ ନିଷ୍ପାଦିତ କ୍ଷମତାପତ୍ର ଆଧାରରେ ଦାଖଲ କରାଯାଇଥିବା ଅଭିଯୋଗର ପ୍ରକୃତିକୁ ବିବେଚନା କରିବା ସମୟରେ ସେଥିରେ ଥିବା ଆବଶ୍ୟକତାକୁ ବ୍ୟକ୍ତ କରାଯାଇଛି । ଏପରିକି ସେହି ପ୍ରସଙ୍ଗରେ ଉଚ୍ଚ ନ୍ୟାୟାଳୟ ତତ୍କାଳ ମାମଲାରେ ଜଡ଼ିତ

ତଥ୍ୟଗୁଡିକର ସଠିକ୍ ଭାବେ ମୂଲ୍ୟାଙ୍କନ କରିନାହାଁନ୍ତି କାରଣ ଅଭିଯୋଗଟି **ଏ. ସି. ନାରାୟଣନ** (ପୂର୍ବୋକ୍ତ) ମାମଲାର ଅବଲୋକନ ଅନୁସାରେ ଥିଲା । ଯୁକ୍ତି କରାଯାଇଛି ଯେ ସଂଜ୍ଞାନ ନେଇ ମାନ୍ୟବର ଏସଡିଜେଏମ ଦେଇଥିବା ତା ୦୫.୧୧.୨୦୧୫ ରିଖର ଆଦେଶରୁ ଜଣାପଡିବ ଯେ ଅଭିଯୋଗର ତଥା ସମ୍ପୂର୍ଣ୍ଣ ରେକର୍ଡର ଅନୁଧ୍ୟାନ କରି ମାନ୍ୟବର ମାଜିଷ୍ଟ୍ରେଟ ସନ୍ତୁଷ୍ଟ ହୋଇଥିଲେ ଯେ ଡକରା ଜାରି କରିବା ଲାଗି ଯଥେଷ୍ଟ ତଥ୍ୟ ରହିଛି । ସେହି ପୃଷ୍ଠଭୂମିରେ, ଦଲିଲଗୁଡିକର ତାଲିକା ଏବଂ ଦଲିଲଗୁଡିକୁ ଉଲ୍ଲେଖ କରାଯାଇଛି । ତା ୧୮.୦୭.୨୦୧୪ ରିଖରେ ଆବେଦନକାରୀ ଏବଂ ପ୍ରତିବାଦୀ ମଧ୍ୟରେ ହୋଇଥିବା ରାଜିନାମାରୁ ପ୍ରକାଶ୍ୟ ଯେ ଶ୍ରୀ ଶୁଭାଶିଷ କୁମାର ଦାସ, ମହାପ୍ରବନ୍ଧକ (ହିସାବ), ଯିଏ କି ଅଭିଯୋଗରେ କମ୍ପାନୀର ପ୍ରତିନିଧିତ୍ୱ କରିଥିଲେ, ଉକ୍ତ ରାଜିନାମାର ସାକ୍ଷୀ ଥିଲେ । ସେ ସମାଧାନ ବିବୃତିରେ ମଧ୍ୟ ସ୍ୱାକ୍ଷର କରିଥିଲେ ଏବଂ ଚେକଗୁଡିକ ଅସ୍ୱୀକାର ହେବାପରେ ପ୍ରତିବାଦୀଙ୍କୁ ସୂଚନା ପଠାଇଥିଲେ । ସେହି ଦୃଷ୍ଟିରୁ କମ୍ପାନୀର ପ୍ରତିନିଧିତ୍ୱ ଜଣେ ସୁଦକ୍ଷ ବ୍ୟକ୍ତି କରିଥିଲେ ଯାହାଙ୍କର ସେହି ଦେଣନେଣ କାରବାର ବିଷୟରେ ଧାରଣା ଥିଲା । ଅଭିଯୋଗ ସହିତ ସଂଲଗ୍ନ ଯାଞ୍ଚ ସତ୍ୟପାଠ ମଧ୍ୟ ଏହା ନିର୍ଦ୍ଦିଷ୍ଟ କରିଛି ଯେ ତାଙ୍କର ଜ୍ଞାତବ୍ୟ ଥିଲା ଏବଂ ଅଭିଯୋଗଟି ପ୍ରାସଙ୍ଗିକ ଦଲିଲପତ୍ର ଉପରେ ଆଧାରିତ ଥିଲା । ଏହା ସହିତ, ଉକ୍ତ ମହାପ୍ରବନ୍ଧକ (ହିସାବ), ଶ୍ରୀ ଶୁଭାଶିଷ କୁମାର ଦାସ ଶପଥ କରି ଦାଖଲ କରିଥିବା ତାଙ୍କର ଶପଥପାଠ ରେ ସ୍ପଷ୍ଟ ଭାବେ ବକ୍ତବ୍ୟ ଦେଇଥିଲେ ଯେ ଅଭିଯୋଗକାରୀ କମ୍ପାନୀର ସେ ପ୍ରାଧିକୃତ ପ୍ରତିନିଧି ଅଟନ୍ତି ଏବଂ ଅଭିଯୁକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ଅଭିଯୋଗ ଦାଖଲ କରିଛନ୍ତି । ଶ୍ରୀମାନ ବରିଷ୍ଠ ଅଧିବକ୍ତା ଆହୁରି ମଧ୍ୟ ଦର୍ଶାଇଥିଲେ ଯେ ଆବେଦନକାରୀ କମ୍ପାନୀର ସେ ଜଣେ ବରିଷ୍ଠ ପରିଚାଳନା ଅଧିକାରୀ ଥିବା ସହ ଶ୍ରୀ ଶୁଭାଶିଷ କୁମାର ଦାସ ତା ୨୩.୦୫.୨୦୧୫ ରିଖରେ ଆଇନଗତ କାର୍ଯ୍ୟବିଧି ଆରମ୍ଭ

କରିବା ଲାଗି ପରିଚାଳନା ନିର୍ଦ୍ଦେଶକଙ୍କ ଦ୍ୱାରା ମଧ୍ୟ ପ୍ରାଧିକୃତ ହୋଇଥିଲେ । ଅପରପକ୍ଷରେ, ନିର୍ଦ୍ଦେଶକମଣ୍ଡଳୀଙ୍କର ଅନୁମୋଦନ କ୍ରମେ ଅଧ୍ୟକ୍ଷଙ୍କ ଦ୍ୱାରା ପରିଚାଳନା ନିର୍ଦ୍ଦେଶକ ପ୍ରାଧିକୃତ ହୋଇଥିଲେ । ସେହି ଦୃଷ୍ଟିକୋଣରୁ, ଆଇନ ଅନୁଯାୟୀ ଅଭିଯୋଗ ଦାଖଲ କରାଯାଇଥିଲା ବୋଲି ଯୁକ୍ତି କରାଯାଇଛି ଏବଂ ମାନ୍ୟବର ମାଜିଷ୍ଟ୍ରେଟ ବୁଦ୍ଧି ପ୍ରୟୋଗ କରି ବିଚାରାର୍ଥେ ଗ୍ରହଣ କରିଥିଲେ, ଯାହାକୁ ଉଚ୍ଚ ନ୍ୟାୟାଳୟ ସମୁଚିତ ବୁଦ୍ଧି ପ୍ରୟୋଗ ନ କରି ନାକଚ କରିଦେଇଥିଲେ ।

୬. ଶ୍ରୀ ସନ୍ତୋଷ କୁମାର, ପ୍ରତିବାଦୀ ପକ୍ଷର ଶ୍ରୀମାନ ଓକିଲ କିନ୍ତୁ ଉଚ୍ଚ ନ୍ୟାୟାଳୟଙ୍କ ରାୟକୁ ବଜାୟ ରଖିବା ପାଇଁ ପ୍ରାର୍ଥନା କରିଛନ୍ତି । ତର୍କ ହୋଇଛି ଯେ ଉଚ୍ଚ ନ୍ୟାୟାଳୟ **ଏ. ସି. ନାରାୟଣନ** (ପୂର୍ବୋକ୍ତ) ମାମଲାର ରାୟ ଏବଂ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ରାୟଗୁଡ଼ିକୁ ଧ୍ୟାନରେ ରଖି ନିଷ୍କର୍ଷରେ ପହଞ୍ଚିଛନ୍ତି ଯେ ଦାଖଲ କରାଯାଇଥିବା ଅଭିଯୋଗ ଏନ.ଆଇ. ଅଧିନିୟମର ଧାରା ୧୪୨ ର ଆବଶ୍ୟକତାକୁ ସନ୍ତୁଷ୍ଟ କରୁନାହିଁ ଯେହେତୁ ଅଭିଯୋଗଟି କମ୍ପାନୀ ଦ୍ୱାରା କୌଣସି ପ୍ରାଧିକୃତ ବ୍ୟକ୍ତିଙ୍କ ଦ୍ୱାରା ଦାଖଲ କରାଯାଇନଥିଲା । ପୁନଶ୍ଚ ଯୁକ୍ତି କରାଯାଇଛି ଯେ **ଏ. ସି. ନାରାୟଣନ** (ପୂର୍ବୋକ୍ତ) ରେ ଏହି ନ୍ୟାୟାଳୟ କହିଛନ୍ତି ଯେ ଅଭିଯୋଗକୁ ବଜାୟ ରଖିବା ପାଇଁ ଅଭିଯୋଗ ଦାଖଲ କରୁଥିବା ବ୍ୟକ୍ତି ଅଭିଯୋଗକାରୀଙ୍କ ଦ୍ୱାରା ପ୍ରାଧିକୃତ ଅଟନ୍ତି ଏବଂ ସମ୍ପୃକ୍ତ କାରବାର / ଦେଣନେଣ ବିଷୟରେ ତାଙ୍କର ଅବଗତି ରହିଛି ଏହା ସତ୍ୟ ବୋଲି ସ୍ପଷ୍ଟ ଦୃଢୋକ୍ତି ରହିବା ଉଚିତ । ଯୁକ୍ତି ଉପସ୍ଥାପନ କରାଯାଇଛି ଯେ ଯେହେତୁ ଏହି ନ୍ୟାୟାଳୟ ଦ୍ୱାରା ପ୍ରଦତ୍ତ ଏକ ନିର୍ଣ୍ଣୟକୁ ଆଧାର କରି ଉଚ୍ଚ ନ୍ୟାୟାଳୟ ନିଜର ସିଦ୍ଧାନ୍ତରେ ପହଞ୍ଚିଛନ୍ତି, ତେଣୁ ଏହି ଆବେଦନରେ ଏପରି ସିଦ୍ଧାନ୍ତର ହସ୍ତକ୍ଷେପର ଆବଶ୍ୟକତା ନାହିଁ ।

୭. ଘଟଣାକ୍ରମ ଏବଂ ପକ୍ଷମାନଙ୍କର ବିଜ୍ଞ ଓକିଲମାନଙ୍କ ଦ୍ୱାରା ଦିଆଯାଇଥିବା ପରସ୍ପର ବିରୋଧୀ ଯୁକ୍ତିକୁ ଧ୍ୟାନରେ ରଖି, ଏଠାରେ ବିଚାରଯୋଗ୍ୟ ଏକମାତ୍ର ପ୍ରସଙ୍ଗ ହେଉଛି ଯେ ଏନ.ଆଇ. ଅଧିନିୟମର ଧାରା ୧୩୮ ଅଧୀନରେ ଆବେଦନକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଅଭିଯୋଗଟି ଏନ.ଆଇ. ଅଧିନିୟମର ଧାରା ୧୪୨ ଅଧିନସ୍ଥ ଆବଶ୍ୟକତା ଅନୁସାରେ କି ନାହିଁ । ପ୍ରାସଙ୍ଗିକ ବ୍ୟବସ୍ଥା ନିମ୍ନମତେ ପଠନୀୟ:-

"୧୪୨. **ଅପରାଧଗୁଡ଼ିକର ସଂଜ୍ଞାନ** – [(୧)] ଫୌଜଦାରୀ ପ୍ରକ୍ରିୟା ସଂହିତା, ୧୯୭୩ (୧୯୭୪ ର ୨) ଯାହା କିଛି ଧାରଣ କରିଥିବା ସତ୍ତ୍ୱେ, -

(କ) ଚେକ ଭଙ୍ଗେଇବା ସମୟକାଳରେ ଚେକ୍ ଗ୍ରହୀତାଙ୍କ ଦ୍ୱାରା ଅଥବା ଚେକ୍ ଧାରକଙ୍କ ଦ୍ୱାରା ହେଉ, କରାଯାଇଥିବା ଲିଖିତ ଅଭିଯୋଗ ବ୍ୟତୀତ କୌଣସି ନ୍ୟାୟାଳୟ ଧାରା ୧୩୮ ଅଧୀନରେ ଦଣ୍ଡନୀୟ ହେଉଥିବା କୌଣସି ଅପରାଧର ସଂଜ୍ଞାନ ନେଇପାରିବେ ନାହିଁ;

(ଖ) xxxxxxxxxx

(ଗ) xxxxxxxxxx"

୮. ସେହି ପୃଷ୍ଠଭୂମିରେ, ଅଭିଯୋଗକୁ ଅନୁଧ୍ୟାନ କଲେ (ସଂଲଗ୍ନକ ପି ୧୪) ଏଥିରେ ଅଭିଯୋଗକାରୀଙ୍କ ନାମ ମେସର୍ସ ଟି ଆର ଏଲ କ୍ରୋସାକି ରିଫ୍ରାକ୍ଟୋରିଜ୍ ଲିମିଟେଡ ମହାପ୍ରବନ୍ଧକ (ହିସାବ) ଶୁଭାଶିଷ କୁମାର ଦାସ ଜରିଆରେ ବୋଲି ଜଣାପଡ଼ିବ । ଏନ.ଆଇ. ଅଧିନିୟମର ଧାରା ୧୩୮ ଅନ୍ତର୍ଗତ ଉକ୍ତ ଅଭିଯୋଗର ବିଷୟବସ୍ତୁ ସାଜିଥିବା ଚେକଗୁଡ଼ିକୁ (ସଂଲଗ୍ନକ ପି-୩ ରୁ ପି-୯) ଅଧ୍ୟୟନ କଲେ ଜଣାପଡ଼ିବ ଯେ ଉକ୍ତ ଚେକଗୁଡ଼ିକରେ "ଗ୍ରହୀତା" ମେସର୍ସ ଟି ଆର ଏଲ କ୍ରୋସାକୀ ରିଫ୍ରାକ୍ଟୋରିଜ ଲିମିଟେଡ ବୋଲି ନାମ ଦେଖାଉଛି । ଯଦି ସ୍ଥିତି ଏହିପରି ଥାଏ, ଏନ.ଆଇ. ଅଧିନିୟମର ଧାରା ୧୪୨ (୧)(କ) ଅଧୀନରେ ଯେପରି ଆବଶ୍ୟକତା ଅନୁଧ୍ୟାନ କରାଯାଇଛି ଯେ ଆପତ୍ତି ଲିଖିତାକାରରେ ହେବା ଉଚିତ, ଏବଂ ଏହା ଗ୍ରହୀତା କିମ୍ବା ଧାରକଙ୍କ ଦ୍ୱାରା ଯଥା ସମୟରେ ଦାଖଲ କରାଯିବା ଉଚିତ, ଉକ୍ତିଟି ସନ୍ତୋଷଜନକ ବୋଧ ହେଉଛି । ଉତ୍ଥାପିତ ପ୍ରସଙ୍ଗଟି ହେଲା ଯେ

କମ୍ପାନୀ ପକ୍ଷରୁ ମହାପ୍ରବନ୍ଧକ (ହିସାବ) ଶ୍ରୀ ଶୁଭାଶିଷ କୁମାର ଦାସଙ୍କ ଦ୍ୱାରା ଦାଖଲ କରାଯାଇଥିବା ଅଭିଯୋଗ ପ୍ରାଧିକାର ଅର୍ପଣ ଅଭାବରୁ କ୍ଷମତାପନ୍ନ ନୁହେଁ ଏବଂ ଏହି ଦେଣନେଣ ସମ୍ପର୍କରେ ତାଙ୍କ ପାଖରେ କୌଣସି ଧାରଣା ଥିବା ସତ୍ୟତା ସମ୍ବନ୍ଧରେ ଦୃଢୋକ୍ତି ନାହିଁ । ଏହି ଦିଗ ଉପରେ, **ଏ. ସି. ନାରାୟଣନ** (ପୂର୍ବୋକ୍ତ) ଉପରେ ଉତ୍ତରଦାତାଙ୍କର ଶ୍ରୀମାନ ଓକିଲ ଦ୍ୱାରା ଦୃଢ଼ ବିଶ୍ୱାସ ରଖାଯାଇଛି । ପୁନଶ୍ଚ ଉଚ୍ଚ ନ୍ୟାୟାଳୟଙ୍କ ରାୟ ମଧ୍ୟ ସମ୍ପୂର୍ଣ୍ଣ ଭାବେ ଉକ୍ତ ନିର୍ଣ୍ଣୟରେ ନିର୍ଦ୍ଧାରିତ ହୋଇଥିବା ମାର୍ଗଦର୍ଶିକା ଉପରେ ଆଧାରିତ ।

୯. ପ୍ରସଙ୍ଗଟିକୁ ପରିପ୍ରେକ୍ଷୀରେ ରଖିବା ପାଇଁ, **ଏ. ସି. ନାରାୟଣନ** (ପୂର୍ବୋକ୍ତ) ବିଚାର ଯେଉଁ ପରିସ୍ଥିତିରେ ହୋଇଛି ତାହା ଦୃଷ୍ଟିରେ ରଖିବା ଆମ୍ଭ ପାଇଁ ଆବଶ୍ୟକ । ସେହି ପରିପ୍ରେକ୍ଷୀରେ, ଏହା ପରିଲକ୍ଷିତ ଯେ ଏହି ନ୍ୟାୟାଳୟ **ମେସର୍ସ ଏମ.ଏମ.ଟି.ସି. ଲିମିଟେଡ୍ ବନାମ ମେଡଚି କେମିକାଲ୍ସ ଆଣ୍ଡ ଫାର୍ମା (ପି) ଲିମିଟେଡ,** (୨୦୦୨) ୧ ଏସ ସି ସି ୨୩୪ ମାମଲାରେ ଏନ.ଆଇ. ର ଧାରା ୧୪୨ (୧)(କ) ର ପରିସରକୁ ବିଚାର କରୁଥିବାବେଳେ, **ବିଶ୍ୱ ମିତ୍ତର ବନାମ ଓ.ପି. ପୋଦ୍ଦାର,** (୧୯୮୩) ୪ ଏସ ସି ସି ୭୦୧ ମାମଲାରେ ପୂର୍ବରୁ ଦିଆଯାଇଥିବା ଏହି ନ୍ୟାୟାଳୟର ନିର୍ଣ୍ଣୟକୁ ଧ୍ୟାନରେ ରଖିଥିଲେ, ଯେଉଁଥିରେ ଏହା କୁହାଯାଇଥିଲା ଯେ, ଜଣେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ, ଯାହାଙ୍କର ସଂଜ୍ଞାନ କରିବାର ଅଧିକାର ରହିଛି, ଯେ କେହି ଏକ ଅପରାଧ ଗଠନ କରୁଥିବା ତଥ୍ୟର ଅଭିଯୋଗ ଦାଖଲ କରି ଫୌଜଦାରୀ ଆଇନକୁ କାର୍ଯ୍ୟକାରୀ କରିପାରିବ । **ବିଶ୍ୱ ମିତ୍ତର** (ପୂର୍ବୋକ୍ତ) ରେ ଆହୁରି କୁହାଯାଇଛି ଯେ ଯଦି କୌଣସି ସ୍ୱତନ୍ତ୍ର ବିଧାନ ଅପରାଧ ନିର୍ଦ୍ଧାରଣ କରେ ଏବଂ ବିଧାନ ଅଧୀନରେ ଏହିପରି ଅପରାଧଗୁଡିକର ସଂଜ୍ଞାନ ନେବା ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା କରେ, ତେବେ ଅପରାଧର ସଂଜ୍ଞାନ ନେବାକୁ ମାଜିଷ୍ଟ୍ରେଟଙ୍କୁ ଅନୁରୋଧ କରୁଥିବା ଅଭିଯୋଗ ଏହିପରି ବିଧାନ ଦ୍ୱାରା ନିର୍ଦ୍ଧାରିତ ଯୋଗ୍ୟତା ମାନଦଣ୍ଡକୁ ସନ୍ତୁଷ୍ଟ କରିବା

ଆବଶ୍ୟକ । ଏହି ପରିପ୍ରେକ୍ଷୀରେ ଏନ.ଆଇ. ଅଧିନିୟମର ଧାରା ୧୪୨ ଦ୍ୱାରା ନିର୍ଦ୍ଧାରିତ ଏକମାତ୍ର ଯୋଗ୍ୟତା ସର୍ତ୍ତାବଳୀ ହେଲା ଅଭିଯୋଗକାରୀ ନିଶ୍ଚିତ ଭାବେ ଗ୍ରହୀତା କିମ୍ବା ଧାରକ ହୋଇଥିବେ । ତେବେ ପରବର୍ତ୍ତୀ ସମୟରେ **ଜାନକୀ ଭାସଦେଓ ଭୋଜୱାନୀ ଏବଂ ଅନ୍ୟ ଜଣେ ବନାମ ଇଣ୍ଡସଇଣ୍ଡ ବ୍ୟାଙ୍କ ଲିମିଟେଡ ଏବଂ ଅନ୍ୟମାନେ** (୨୦୦୫) ୨ ଏସସିସି ୨୧୭ ମାମଲାରେ, ଏକ ଦେୱାନୀ ମାମଲାରେ ମାଲିକଙ୍କ ତରଫରୁ କାର୍ଯ୍ୟ କରିବାକୁ କ୍ଷମତାପତ୍ର ଅଧିକାର ନିର୍ଣ୍ଣୟ କରିବାବେଳେ ସିପିସି ର ଆଦେଶ III ନିୟମ ୧ ଏବଂ ୨ ରେ ଥିବା ବ୍ୟବସ୍ଥାକୁ ଧ୍ୟାନରେ ରଖାଯାଇଥିଲା ଏବଂ ଏହା କୁହାଯାଇଥିଲା ଯେ ଯଦି କ୍ଷମତାପତ୍ର ଧାରକ କ୍ଷମତାପତ୍ର ଅନୁସରଣରେ କିଛି କାର୍ଯ୍ୟ କରିଛନ୍ତି, ସେ ଏପରି କାର୍ଯ୍ୟ ସମ୍ବନ୍ଧରେ ମାଲିକଙ୍କ ପାଇଁ ଅଭିସାକ୍ଷ୍ୟ ଦେଇପାରନ୍ତି, କିନ୍ତୁ ଯଦି, କାର୍ଯ୍ୟଟି ତାଙ୍କ ଦ୍ୱାରା ନୁହେଁ, ମାଲିକଙ୍କ ଦ୍ୱାରା କରାଯାଇଥିବ, ତେବେ ସେ ମାଲିକଙ୍କ ପାଇଁ ଅଭିସାକ୍ଷ୍ୟ ଦେଇପାରିବେ ନାହିଁ । ସେହିପରି, ଯେଉଁ ବିଷୟରେ କେବଳ ମାଲିକଙ୍କୁ ଜେରା କରାଯିବାର ଆବଶ୍ୟକ ଥିବ, ସେଥିରେ ସେ ମାଲିକଙ୍କ ପାଇଁ ଅଭିସାକ୍ଷ୍ୟ ଦେଇପାରିବେ ନାହିଁ । ଦୁଇଜଣିଆ ଖଣ୍ଡପୀଠ ଦ୍ୱାରା ଦିଆଯାଇଥିବା ଏହି ଦୁଇଟି ନିଷ୍ପତ୍ତି **ଏ. ସି. ନାରାୟଣନ** (ପୂର୍ବୋକ୍ତ) ମାମଲାର ବିଚାର କରିବା ସମୟରେ ଅନ୍ୟ ଏକ ଦୁଇଜଣିଆ ଖଣ୍ଡପୀଠ ଦ୍ୱାରା ପରସ୍ପର ବିରୋଧୀ ବୋଲି ଗ୍ରହଣ କରାଯାଇଥିଲା ଏବଂ ସେଥିପାଇଁ ଏହା ସ୍ପଷ୍ଟୀକରଣ ଚାହୁଁଥିଲା ।

୧୦. ଏହି କାରଣରୁ **ଏ. ସି. ନାରାୟଣନ** (ପୂର୍ବୋକ୍ତ) ଙ୍କ ମାମଲାର ଶୁଣାଣି ପାଇଁ ତିନିଜଣ ମାନ୍ୟବର ବିଚାରପତିଙ୍କୁ ନେଇ ଗଠିତ ଏକ ବିଚାରପୀଠକୁ ପଠାଯାଇଥିଲା । ଏହି ନ୍ୟାୟାଳୟର ଉକ୍ତ ଦୁଇଟି ରାୟ ପରସ୍ପର ବିରୋଧୀ ନୁହେଁ ବୋଲି ରାୟ ଦେବାପରେ ଉକ୍ତ ବିଚାରପୀଠ ଏନ୍.ଆଇ. ଅଧିନିୟମର ଧାରା ୧୪୨ (୧)(କ) ର ପରିସର ଏବଂ

ଆବଶ୍ୟକତାକୁ ବିଚାର କରିଛନ୍ତି ଏବଂ ବିଚାର ପାଇଁ ରାୟର ଅନୁଚ୍ଛେଦ ୨୧ ରେ ଥିବା ପ୍ରଶ୍ନଗୁଡ଼ିକୁ ପ୍ରସ୍ତୁତ କରିଥିଲେ, ଯାହା ନିମ୍ନରେ ଦିଆଗଲା: -

> "୨୧. ସନ୍ଦର୍ଭ ଆଦେଶ ଅନୁସାରେ, ନିମ୍ନଲିଖିତ ପ୍ରଶ୍ନଗୁଡିକର ନିଷ୍ପତ୍ତି ଏହି ଖଣ୍ଡପୀଠ ଦ୍ୱାରା ନିଆଯିବ:
>
> ୨୧.୧ କ୍ଷମତାପତ୍ର ଧାରକ ବ୍ୟକ୍ତିବିଶେଷ ଅଭିଯୋଗକାରୀଙ୍କ ତରଫରୁ ଅଭିଯୋଗପତ୍ର ସ୍ୱାକ୍ଷର ତଥା ଦାଖଲ କରିପାରିବେ କି? / ଯଦି ଅଭିଯୋଗପତ୍ର ଚେକର ସମୟକାଳରେ ଗ୍ରହୀତା କିମ୍ବା ଧାରକଙ୍କ ନାମରେ ଦାଖଲ କରାଯାଏ ଏନ୍.ଆଇ. ଅଧିନିୟମର ଧାରା ୧୪୨(କ) ସର୍ତ୍ତାବଳୀରେ ପ୍ରଦତ୍ତ ଯୋଗ୍ୟତା ମାନଦଣ୍ଡ ସନ୍ତୁଷ୍ଟ ହେବ କି ?
>
> ୨୧.୨ କ୍ଷମତାପତ୍ର ଧାରକଙ୍କ କ୍ଷମତାକୁ ସଂହିତାର ଧାରା ୨୦୦ ଅଧୀନରେ ଶପଥ ଦ୍ୱାରା ଯାଞ୍ଚ କରାଯାଇପାରିବ କି?
>
> ୨୧.୩ କ'ଣ ଅଭିଯୋଗରେ କ୍ଷମତାପତ୍ର ଧାରକଙ୍କ ଆକ୍ଷେପିତ କାରବାରରେ ଜ୍ଞାନ ରହିଥିବା ସଂପର୍କରେ ନିର୍ଦ୍ଦିଷ୍ଟ ଅଭିବ୍ୟକ୍ତି ସ୍ୱଷ୍ଟ ଭାବେ ଦିଆଯିବା ଉଚିତ କି ?
>
> ୨୧.୪ ଯଦି କ୍ଷମତାପତ୍ର ଧାରକ ଅଭିଯୋଗରେ ତାଙ୍କର ଜ୍ଞାନକୁ ସ୍ୱଷ୍ଟ ରୂପେ ଦାବି କରିବାରେ ବିଫଳ ହୁଅନ୍ତି, ତେବେ କ୍ଷମତାପତ୍ର ଧାରକ ଏପରି ଜ୍ଞାନର ଧାରଣା ଉପରେ ଶପଥ ଦ୍ୱାରା ଅଭିଯୋଗକୁ ଯାଞ୍ଚ କରିପାରିବେ କି?
>
> ୨୧.୫ ୨୦୦୨ ମସିହାରେ ଏକ ସଂଶୋଧନ ଜରିଆରେ ଆଗତ ହୋଇଥିବା ଏନ.ଆଇ. ଅଧିନିୟମର ଧାରା ୧୪୫ ଆଲେଖ୍ୟରେ ସଂହିତାର ଧାରା ୨୦୦ ଅଧୀନରେ ଚିନ୍ତା କରାଯାଇଥିବା କାର୍ଯ୍ୟଧାରାକୁ ପରିହାର କରାଯାଇପାରିବ କି?"

ଅନୁଚ୍ଛେଦ ୨୯ ରୁ ୩୦ ରେ କରାଯାଇଥିବା ବିଚାର ଧ୍ୟାନକୁ ନେବା ପାଇଁ ପ୍ରଯୁଜ୍ୟ ହେବ, ଯାହା ନିମ୍ନରେ ଦିଆଗଲା:-

> "୨୯. ଏନ.ଆଇ. ଅଧିନିୟମର ଧାରା ୧୩୮, ୧୪୨ ଏବଂ ୧୪୫ ଏବଂ ସଂହିତାର ଧାରା ୨୦୦ ର ମିଳିତ ପଠନରୁ, **ଏହା ସ୍ୱଷ୍ଟ ଯେ ମାଜିଷ୍ଟ୍ରେଟଙ୍କ ପାଇଁ ଅଭିଯୋଗର ବିଷୟବସ୍ତୁ, ସେଥିରେ ଏହାର ସମର୍ଥନରେ ଥିବା ଦଲିଲ ଏବଂ ଅଭିଯୋଗକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ସତ୍ୟପାଠ ଆଧାରରେ ପ୍ରକ୍ରିୟା ଜାରି କରିବା ଉନ୍ମୁକ୍ତ ଅଛି ।** ସଂହିତାର ଧାରା ୨୦୦ ଅଧିନସ୍ଥ ପ୍ରକ୍ରିୟା ଜାରି କରିବା ପୂର୍ବରୁ ଥରେ ଅଭିଯୋଗକାରୀ ଅଭିଯୋଗ ସପକ୍ଷରେ ସତ୍ୟପାଠ ଦାଖଲ କରିବା

ପରେ, ଯଦି ସେ ଉଚିତ ମନେ କରନ୍ତି, ତେବେ ମାଜିଷ୍ଟ୍ରେଟ ତାଙ୍କୁ ଉପସ୍ଥିତ ରହିବା ପାଇଁ କହିପାରିବେ ଏବଂ ତାଙ୍କ ଅଭିଯୋଗକୁ ସମର୍ଥନ କରି ଅଭିଯୋଗକାରୀ ଦ୍ୱାରା ଦାଖଲ କରାଯାଇଥିବା ଶପଥପତ୍ରରେ ଥିବା ତଥ୍ୟ ବିଷୟରେ ତାଙ୍କୁ ପରୀକ୍ଷା କରିପାରିବେ । ସେ ଯାହା ହେଉ, ଏହା ଏକ ସ୍ୱେଚ୍ଛାକୃତ ବିଷୟ ଏବଂ ମାଜିଷ୍ଟ୍ରେଟ୍ ଅଭିଯୋଗକାରୀଙ୍କୁ ଅଦାଲତରେ ଉପସ୍ଥିତ ରହିବା ନିମନ୍ତେ ଡକରା କରିବାକୁ ଏବଂ ଏନ.ଆଇ ଅଧିନିୟମର ଧାରା ୧୩୮ ଅଧିନସ୍ଥ ଅଭିଯୋଗ ଉପରେ ପ୍ରକ୍ରିୟା ଜାରି କରାଯିବ କି ନାହିଁ ନିଷ୍ପତ୍ତି ନେବା ପାଇଁ ତାଙ୍କୁ ଶପଥପୂର୍ବକ ପରୀକ୍ଷା କରିବାକୁ ବାଧ୍ୟ ନୁହଁନ୍ତି । ସଂହିତାର ଧାରା ୨୦୦ ଅଧୀନରେ ପ୍ରକ୍ରିୟା ଜାରି ଉଦ୍ଦେଶ୍ୟରେ, ଏନ୍.ଆଇ. ଅଧିନିୟମର ଧାରା ୧୩୮ ଅଧିନସ୍ଥ ଅଭିଯୋଗ ସପକ୍ଷରେ ଅଭିଯୋଗକାରୀ ଦ୍ୱାରା ଦାଖଲ କରାଯାଇଥିବା ସତ୍ୟପାଠର ଯାଞ୍ଚ ଉପରେ ନିର୍ଭର କରିବା ମାଜିଷ୍ଟ୍ରେଟଙ୍କ ପାଇଁ ଉନ୍ମୁକ୍ତ ଅଟେ । **ଏନ.ଆଇ. ଅଧିନିୟମର ଧାରା ୧୩୮ ଅଧିନସ୍ଥ ଅଭିଯୋଗକୁ ତଥା ଏହାର ସମର୍ଥନରେ ଉପସ୍ଥାପିତ ଦଲିଲଗୁଡ଼ିକ ବିଚାର କରିବା ପରେ, ଏବଂ ଅଭିଯୋଗକାରୀଙ୍କ ସତ୍ୟପାଠର ଯାଞ୍ଚ ପରେ, ମାଜିଷ୍ଟ୍ରେଟ୍ ଯଦି ସେଭଳି କ୍ଷେତ୍ରରେ ମତ ଦେବେ ଯେ ଅଭିଯୋଗକାରୀ କିମ୍ବା ତାଙ୍କ ସାକ୍ଷୀ(ମାନ)ଙ୍କର ପରୀକ୍ଷା ଆବଶ୍ୟକ ଅଟେ, ମାଜିଷ୍ଟ୍ରେଟ୍ ଅଭିଯୋଗକାରୀଙ୍କୁ ଅଦାଲତରେ ଉପସ୍ଥିତ ରହିବାକୁ କହିପାରନ୍ତି ଏବଂ ଏନ.ଆଇ. ଅଧିନିୟମର ଧାରା ୧୩୮ ଅଧିନସ୍ଥ ଅଭିଯୋଗ ଉପରେ ପ୍ରକ୍ରିୟା ଜାରି କରାଯିବ କି ନାହିଁ ନିଷ୍ପତ୍ତି ନେବାକୁ ଅଭିଯୋଗକାରୀ ଏବଂ / କିମ୍ବା ତାଙ୍କ ସାକ୍ଷୀଙ୍କୁ ଶପଥ ଦେଇ ପରୀକ୍ଷା କରିପାରିବେ ।**

୩୦. ଏହି ଆଲୋଚନାର ପ୍ରକାଶରେ, ଆମ୍ଭର ମତ ହେଉଛି ଯେ ଏନ.ଆଇ. ଅଧିନିୟମର ଧାରା ୧୩୮ ଅଧୀନରେ ଦଣ୍ଡନୀୟ ହେଉଥିବା ଅପରାଧ ପାଇଁ ପ୍ରକ୍ରିୟା ଜାରି କରିବା ଉଦ୍ଦେଶ୍ୟରେ କ୍ଷମତାପତ୍ର ଧାରକଙ୍କୁ ଦାଖଲ କରିବାକୁ , ହାଜର ହେବାକୁ ଏବଂ ସାକ୍ଷ୍ୟ ଦେବାକୁ ଅନୁମତି ଦିଆଯାଇପାରେ । ଉପରୋକ୍ତ ବିଷୟର ଏକ ବ୍ୟତିକ୍ରମ ହେଉଛି ଯେତେବେଳେ ଅଭିଯୋଗକାରୀଙ୍କ କ୍ଷମତାପତ୍ର ଧାରକଙ୍କର ଦେଣନେଣ କାରବାର ବିଷୟରେ ବ୍ୟକ୍ତିଗତ ଜ୍ଞାନ ନଥିବ, ସେତେବେଳେ ତାଙ୍କୁ ପରୀକ୍ଷା କରାଯାଇପାରିବ ନାହିଁ । **ତେବେ ଅଭିଯୋଗକାରୀଙ୍କ କ୍ଷମତାପତ୍ର ଧାରକ ଅଭିଯୋଗକାରୀଙ୍କ ଗ୍ରହୀତାଙ୍କର କାରବାର ଦାୟିତ୍ୱରେ ରହିଥିବେ ଏବଂ କେବଳ କ୍ଷମତାପତ୍ର ଧାରକ ହିଁ ବ୍ୟକ୍ତିଗତ ଭାବେ ଏହି କାରବାର ବିଷୟରେ ଅବଗତ ଥିବେ, ସେ କ୍ଷେତ୍ରରେ କ୍ଷମତାପତ୍ର ଧାରକ କାହିଁକି ସାକ୍ଷ୍ୟ ଦେବା ପାଇଁ ସାକ୍ଷୀ ହୋଇପାରିବେ ନାହିଁ ଏହାର କୌଣସି କାରଣ ନାହିଁ । ତେବେ, ସମ୍ବନ୍ଧିତ ଦେଣନେଣ କାରବାର ନେଇ ଅଭିଯୋଗପତ୍ରରେ କ୍ଷମତାପତ୍ର ଅଧିକାରୀଙ୍କ ଜ୍ଞାନ ସମ୍ବନ୍ଧରେ ସ୍ପଷ୍ଟ ଦୃଢ କଥନ ବିନିର୍ଦ୍ଦିଷ୍ଟ ହେବା ଆବଶ୍ୟକ । ଏହି କାରଣରୁ, ଚତୁର୍ଥ ପ୍ରଶ୍ନ ନିଷ୍ଫଳ ହେଉଛି ।"**

ବିଚାର ପାଇଁ ଉଠାଯାଇଥିବା ପ୍ରଶ୍ନର ଉତ୍ତର ଅନୁଚ୍ଛେଦ ୩୩ ରେ ରହିଛି ଯାହାକି ନିମ୍ନରେ ଦିଆଗଲା:-

୩୩. ଏମ.ଏମ.ଟି.ସି ଏବଂ ଭାସଦେଓ ଭୋଜୱାନୀ ମାମଲାର ନିଷ୍ପତ୍ତିରେ କୌଣସି ଗୁରୁତର ଦ୍ୱନ୍ଦ ନଥିବା ବେଳେ ଆମେ ନିମ୍ନଲିଖିତ ଭାବେ ସ୍ଥିତି ସ୍ୱଷ୍ଟ କରୁଛୁ ଏବଂ ପ୍ରଶ୍ନର ଉତ୍ତର ଦେଉଛୁ:

**୩୩.୧.ଏନ.ଆଇ. ଅଧିନିୟମର ଧାରା ୧୩୮ ଅଧୀନରେ କ୍ଷମତାପତ୍ର ମାଧ୍ୟମରେ ଅଭିଯୋଗପତ୍ର ଦାଖଲ କରିବା ସମ୍ପୂର୍ଣ୍ଣ ଆଇନସମ୍ମତ ଏବଂ କ୍ଷମତାପନ୍ନ ।**

**୩୩.୨. ଅଭିଯୋଗର ବିଷୟବସ୍ତୁ ପ୍ରମାଣ ପାଇଁ କ୍ଷମତାପତ୍ର ଧାରକ ଅଦାଲତରେ ସାକ୍ଷ୍ୟ ଦେଇପାରିବେ ଏବଂ ଯାଞ୍ଚ କରିପାରିବେ । ତେବେ ଏହି କାରବାରରେ ସମ୍ପୃକ୍ତ କ୍ଷମତାପତ୍ର ଧାରକ ନିଶ୍ଚିତ ଭାବେ ଗ୍ରହୀତା / ଧାରକଙ୍କ ପ୍ରତିନିଧି ଭାବେ ସାକ୍ଷୀ ଥିବେ କିମ୍ବା ଉକ୍ତ କାରବାର ସମ୍ବନ୍ଧରେ ଉପଯୁକ୍ତ ସୂଚନା ରଖିଥିବେ ।**

୩୩.୩. **ଅଭିଯୋଗକାରୀଙ୍କ ଦ୍ୱାରା ଅଭିଯୋଗରେ ସ୍ୱଷ୍ଟ ଭାବରେ ଉକ୍ତ ଦେଣନେଣ କାରବାରରେ କ୍ଷମତାପତ୍ର ଧାରକଙ୍କ ଅବଗତି ଥିବା ବିଷୟରେ ନିର୍ଦ୍ଦିଷ୍ଟ ଦୃଢ କଥନ ରହିବା ଆବଶ୍ୟକ ଏବଂ କ୍ଷମତାପତ୍ର ଧାରକ ଯାହାର କାରବାର ବିଷୟରେ କୌଣସି ଜ୍ଞାନ ନାହିଁ, ତାଙ୍କୁ ମାମଲାରେ ସାକ୍ଷୀ ଭାବରେ ପରୀକ୍ଷା କରାଯାଇପାରିବ ନାହିଁ ।**

୩୩.୪. ଏନ.ଆଇ ଅଧିନିୟମର ଧାରା ୧୪୫ ର ପ୍ରକାଶରେ, ଏନ.ଆଇ. ଅଧିନିୟମର ଧାରା ୧୩୮ ଅଧିନସ୍ଥ ଅଭିଯୋଗ ସପକ୍ଷରେ ଅଭିଯୋଗକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ସତ୍ୟପାଠ ଉପରେ ନିର୍ଭର କରିବାକୁ ମାଜିଷ୍ଟ୍ରେଟଙ୍କ ପାଇଁ ସ୍ୱାଧୀନତା ରହିଛି ଏବଂ ଏନ.ଆଇ. ଅଧିନିୟମର ଧାରା ୧୩୮ ଅଧିନସ୍ଥ ଅଭିଯୋଗ ଉପରେ ପ୍ରକ୍ରିୟା ଜାରି କରିବା କିମ୍ବା ନ କରିବା ନିଷ୍ପତ୍ତି ନେବାରେ ମାଜିଷ୍ଟ୍ରେଟଙ୍କ ପାଇଁ ଅଭିଯୋଗକାରୀଙ୍କୁ ଅଦାଲତରେ ହାଜର ହେବାକୁ କହିବା କିମ୍ବା ଶପଥ ଉପରେ ତାଙ୍କର ସାକ୍ଷ୍ୟକୁ ପରୀକ୍ଷା କରିବା ବାଧ୍ୟତାମୂଳକ ନୁହେଁ ।

୩୩.୫. ସାଧାରଣ କ୍ଷମତାପତ୍ର ଅଧୀନସ୍ଥ କାର୍ଯ୍ୟଗୁଡିକ କ୍ଷମତାପତ୍ରରେ ଅନୁମତି ଦେଉଥିବା ନିର୍ଦ୍ଦିଷ୍ଟ ଖଣ୍ଡ ନଥିଲେ ଅନ୍ୟ ବ୍ୟକ୍ତିଙ୍କୁ ହସ୍ତାନ୍ତର କରାଯାଇପାରିବ ନାହିଁ । ଏହା ସତ୍ତ୍ୱେ ମଧ୍ୟ ସାଧାରଣ କ୍ଷମତାପତ୍ରକୁ ରଦ୍ଦ କରାଯାଇପାରେ ଏବଂ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଦିଆଯାଇପାରେ ।"

(ଗୁରୁତ୍ୱ ଦିଆଗଲା)

୧୧. ତତ୍କାଳୀନ ମାମଲାର ତଥ୍ୟ ଅନୁଧ୍ୟାନ କଲେ ଏହା ଜଣାଯିବ ଯେ **ଏ. ସି. ନାରାୟଣନ** (ପୂର୍ବୋକ୍ତ) ରେ ଦର୍ଶାଯାଇଥିବା ଆବଶ୍ୟକତା ବାସ୍ତବରେ ପରିତୃଷ୍ଟ ହୋଇଛି । ପ୍ରଥମତଃ, ଯେପରି ଉପରେ ଉଲ୍ଲେଖ କରାଯାଇଛି, କମ୍ପାନୀ ଅର୍ଥାତ୍ "ଗ୍ରହୀତା"ଙ୍କ ନାମରେ, ଶ୍ରୀ ଶୁଭାଶିଷ କୁମାର ଦାସ, ମହାପ୍ରବନ୍ଧକ (ଆକାଉଣ୍ଟିଂ)ଙ୍କ ଜରିଆରେ ଅଭିଯୋଗ ଦାଖଲ କରାଯାଇଥିଲା । ପରିଚାଳନା ନିର୍ଦ୍ଦେଶକଙ୍କ ଦ୍ୱାରା ତାଙ୍କ ସପକ୍ଷରେ ୨୩.୦୫.୨୦୧୫ ତାରିଖର ଅଧିକାର ଅର୍ପଣ (ସଂଲଗ୍ନକ ପି ୧୭) ପ୍ରକାଶ କରେ ଯେ ଆବେଦନକାରୀ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ପ୍ରିୟବ୍ରତ ପଣ୍ଡା, ମହାପ୍ରବନ୍ଧକ (ଆକାଉଣ୍ଟିଂ) ଶ୍ରୀ ଶୁଭାଶିଷ କୁମାର ଦାସଙ୍କୁ ଏନ.ଆଇ. ଅଧିନିୟମର ବ୍ୟବସ୍ଥା ଅଧୀନରେ କାର୍ଯ୍ୟାନୁଷ୍ଠାନ ଏବଂ ମେସର୍ସ ଏସ୍ ଏମ୍ ଏସ୍ ଏସିଆ ଘରୋଇ ଲିମିଟେଡ (ଉତ୍ତରଦାତା) ବିରୋଧରେ କମ୍ପାନୀ ପକ୍ଷରୁ ଦେୱାନୀ କାର୍ଯ୍ୟାନୁଷ୍ଠାନ, ସମେତ ଅପରାଧିକ କାର୍ଯ୍ୟାନୁଷ୍ଠାନ ରୁଜୁ କରିବାକୁ, କମ୍ପାନୀର ପ୍ରତିନିଧିତ୍ୱ କରିବାକୁ ଏବଂ ମାନ୍ୟବର ଏସ ଡି ଜେ ଏମ ଙ୍କର ନ୍ୟାୟାଳୟରେ ଏହି ମାମଲାରେ ସମସ୍ତ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ତୁଲାଇବାକୁ ପ୍ରାଧିକୃତ କରିଥିଲେ । ପରିଚାଳନା ନିର୍ଦ୍ଦେଶକଙ୍କ ଦ୍ୱାରା ଶ୍ରୀ ଶୁଭାଶିଷ କୁମାର ଦାସଙ୍କ ସ୍ୱାକ୍ଷରକୁ ମଧ୍ୟ ପ୍ରମାଣିତ କରାଯାଇଛି । ପରିଚାଳନା ନିର୍ଦ୍ଦେଶକ ସ୍ୱୟଂ ଆବେଦନକାରୀ କମ୍ପାନୀର ଏକ ପ୍ରମୁଖ ପରିଚାଳନା କର୍ମଚାରୀ ହେବା ସହିତ, ନିର୍ଦ୍ଦେଶକ ମଣ୍ଡଳୀଙ୍କ ଦ୍ୱାରା ତା୦୬.୦୪.୧୯୯୮ ରିଖର ଦସ୍ତାବିଜ (ଅନୁଲଗ୍ନକ ପି- ୧୬) ମାଧ୍ୟମରେ କ୍ଷମତା ପ୍ରଦାନ କରାଯାଇଛି । ଏହି ଦସ୍ତାବିଜ ଜରିଆରେ ପରିଚାଳନା ନିର୍ଦ୍ଦେଶକଙ୍କୁ କମ୍ପାନୀର ପରିଚାଳନା ତଥା ଏହାର କାର୍ଯ୍ୟ କରିବା ପାଇଁ, ସାଧାରଣ ଭାବେ, ଆବଶ୍ୟକ ଥିବା ସମସ୍ତ କ୍ଷମତା ପ୍ରଦାନ କରାଯାଇଛି ଏବଂ ଅନ୍ୟାନ୍ୟ ମଧ୍ୟରେ, କମ୍ପାନୀର ଜମି ଏବଂ ସମ୍ପତ୍ତିକୁ ପ୍ରଭାବିତ କରୁଥିବା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କ୍ଷମତା ପ୍ରୟୋଗ କରିବା ଲାଗି ବିନିର୍ଦ୍ଦିଷ୍ଟ କରାଯାଇଛି ।

ଏହି ଦସ୍ତାବିଜ ଜରିଆରେ ପରିଚାଳନା ନିର୍ଦ୍ଦେଶକଙ୍କୁ ଆବଶ୍ୟକସ୍ଥଳେ ତାଙ୍କ ଅଧୀନସ୍ଥ ଅଧିକାରୀମାନଙ୍କୁ ଯେ କୌଣସି କ୍ଷମତା ପ୍ରଦାନ କରିବାର କ୍ଷମତା ପ୍ରଦାନ କରାଯାଇଛି । ଉପରୋକ୍ତ ଉଲ୍ଲେଖିତ ଦସ୍ତାବିଜରୁ ଜଣାପଡେ ଯେ "ଗ୍ରହୀତା" କମ୍ପାନୀ ତରଫରୁ ଏନ.ଆଇ. ଅଧିନିୟମର ଧାରା ୧୩୮ ଅଧୀନରେ ଉଚିତ ଅଧିକାର ଅର୍ପଣ ସହ ଅଭିଯୋଗ ଦାଖଲ କରାଯାଇଥିଲା ।

୧୨. ପରବର୍ତ୍ତୀ ଦିଗ ଯାହା ଉପରେ ଉଚ୍ଚ ନ୍ୟାୟାଳୟ ହସ୍ତକ୍ଷେପ କରିଛନ୍ତି ତାହା ହେଉଛି ଏହି ଯୁକ୍ତି ସ୍ୱୀକାର କରିବା ଯେ ମହାପ୍ରବନ୍ଧକ (ହିସାବ) ଙ୍କ ଦେଣନେଣ କାରବାର ବିଷୟରେ କୌଣସି ଜ୍ଞାନ ଥିଲା କି ନାହିଁ କିମ୍ବା ସେ ଦେଣନେଣ କାରବାରର ସାକ୍ଷୀ ଥିଲେ କି ନାହିଁ ଏହି ସତ୍ୟତା ଉପରେ ଅଭିଯୋଗରେ ଦୃଢୋକ୍ତି ନାହିଁ । ଉପରୋକ୍ତ ଦିଗ ଉପରେ ଧ୍ୟାନ ଦିଆଯାଉଛି ଯେ ତା ୧୮.୦୭.୨୦୧୪ ରିଖର ରାଜିନାମା (ସଂଲଗ୍ନକ ପି ୧) ଆଧାରରେ ପକ୍ଷମାନଙ୍କ ମଧ୍ୟରେ କାରବାର ହୋଇଛି । ଉକ୍ତ ଦସ୍ତାବିଜରେ ଦର୍ଶାଯାଇଛି ଯେ, ଆବେଦନକାରୀ ଏବଂ ପ୍ରତିବାଦୀ କମ୍ପାନୀର ପ୍ରତିନିଧିତ୍ୱ କରୁଥିବା କାର୍ଯ୍ୟନିର୍ବାହୀ ଏବଂ ପ୍ରତ୍ୟେକଙ୍କ ସ୍ୱାକ୍ଷର ତଳେ ଉଭୟ ପକ୍ଷର ଜଣେ ଲେଖାଏଁ ସାକ୍ଷୀ ସେମାନଙ୍କ ସ୍ୱାକ୍ଷର ସଂଲଗ୍ନ କରିଛନ୍ତି । ଆବେଦନକାରୀ କମ୍ପାନୀ ତରଫରୁ ସାକ୍ଷୀ ଆଉ କେହି ନୁହଁନ୍ତି ଶ୍ରୀ ଶୁଭାଶିଷ କୁମାର ଦାସ, ଯିଏ କି ସେହି ସମୟରେ ମହାପ୍ରବନ୍ଧକ (ବାଣିଜ୍ୟିକ) ଭାବେ ନିଯୁକ୍ତ ଥିଲେ । ପୁନଶ୍ଚ, ତା ୦୧.୦୪.୨୦୧୧ ରିଖ ଠାରୁ ତା ୩୦.୦୯.୨୦୧୪ ରିଖ ଅବଧି କାଳ ମଧ୍ୟରେ ହୋଇଥିବା ହିସାବର ସମାଧାନ ପାଇଁ ଦଲିଲ, ଯାହା କି ତା ୨୮.୧୦.୨୦୧୪ ରିଖ ରେ ସମ୍ପନ୍ନ ହୋଇଥିଲା, ଦର୍ଶାଉଛି ଯେ ଉଭୟ କମ୍ପାନୀର ପ୍ରତିନିଧିମାନେ ଏହାକୁ ପ୍ରମାଣିତ କରିଥିଲେ । ଆବେଦନକାରୀ କମ୍ପାନୀର ପ୍ରତିନିଧିତ୍ୱ ଶ୍ରୀ ଶୁଭାଶିଷ କୁମାର ଦାସ କରୁଛନ୍ତି । ଏହା ବ୍ୟତୀତ ଚେକ ଅସ୍ୱୀକାର ହେବା ସମୟରେ ଶ୍ରୀ

ଶୁଭାଶିଷ କୁମାର ଦାସ, ମହାପ୍ରବନ୍ଧକ (ହିସାବ), ଆବେଦନକାରୀ କମ୍ପାନୀ ତରଫରୁ ପ୍ରତିବାଦୀ କମ୍ପାନୀକୁ ଅଧିସୂଚନା (ସଂଲଗ୍ନକ ପି- ୧୧, ୧୨-୧୩) ଜାରି କରିଥିଲେ । ଉକ୍ତ ଦଲିଲଗୁଡିକ ସୂଚିତ କରିବ ଯେ ଯେଉଁ ବ୍ୟକ୍ତିଙ୍କର ଦେଣନେଣ କାରବାର ବିଷୟରେ ଜ୍ଞାନ ଥିଲା ଏବଂ ଏହାର ସାକ୍ଷୀ ଥିଲେ, ସେ ପ୍ରାଧିକୃତ ହୋଇଛନ୍ତି ଏବଂ କମ୍ପାନୀ ତରଫରୁ ଅଭିଯୋଗ ରୁଜୁ କରିଛନ୍ତି ।

୧୩. ଅଭିଯୋଗରେ ଉଲ୍ଲେଖ କରାଯାଇଥିବା ତଥ୍ୟଗତ ଦିଗ ବ୍ୟତୀତ, ଦେଣନେଣ କାରବାର ସମ୍ବନ୍ଧୀୟ ଅଭିଯୋଗ ଏବଂ ଅଭିଯୋଗକୁ ସମର୍ଥନ କରୁଥିବା ଶପଥପତ୍ରରେ ଶ୍ରୀ ଶୁଭାଶିଷ କୁମାର ଦାସଙ୍କ ସପକ୍ଷରେ ପ୍ରାଧିକାର ଏବଂ ତାଙ୍କର ଜ୍ଞାନ ସମ୍ବନ୍ଧରେ ଦୃଢ ଅଭିବ୍ୟକ୍ତି ରହିଛି, ଯାହା ନିମ୍ନରେ ଦିଆଗଲା: -

> "ଯେ, ଅଭିଯୋଗକାରୀ କମ୍ପାନୀ, କମ୍ପାନୀ ଅଧିନିୟମ ୧୯୫୬ ଅଧୀନରେ ଅନ୍ତର୍ଭୁକ୍ତ ହୋଇଛି ଏବଂ ଝାରସୁଗୁଡା ଜିଲ୍ଲାର ସା / ପୋ / ଥାନା ବେଲପାହାଡ଼ (ଓଡ଼ିଶା) ଠାରେ ଏହାର ପଞ୍ଜୀକୃତ କାର୍ଯ୍ୟାଳୟ ଥାଇ, **ଏହାର ମହାପ୍ରବନ୍ଧକ (ହିସାବ), ଶ୍ରୀ ଶୁଭାଶିଷ କୁମାର ଦାସ,** ବୟସ- ପ୍ରାୟ ୪୭ ବର୍ଷ, ପିତା - ଶ୍ରୀ ଗୋପାଳ ଚନ୍ଦ୍ର ଦାସ, ପ୍ରତିନିଧିତ୍ୱ କରୁଛନ୍ତି **ଏବଂ କମ୍ପାନୀ ଦ୍ୱାରା ଏହି ଅଭିଯୋଗ ଦାଖଲ କରିବାକୁ ମଧ ପ୍ରାଧିକୃତ ଅଟନ୍ତି ।"**

ଯାଞ୍ଚ କରିଥିବା ସତ୍ୟପାଠ ନିମ୍ନରେ ଦିଆଗଲା:

> **"ମୁଁ, ଶ୍ରୀ ଶୁଭାଶିଷ କୁମାର ଦାସ,** ବୟସ ପାଖାପାଖି ୪୭ ବର୍ଷ, ପିତା- ଗୋପାଳ ଚନ୍ଦ୍ର ଦାସ, **ମେସର୍ସ ଟି ଆର ଏଲ କ୍ରୋସାକି ରିଫ୍ରେକଟେରିଜ ଲିମିଟେଡର ମହାପ୍ରବନ୍ଧକ (ହିସାବ),** ସା/ପୋ/ଥାନା - ବେଲପାହାଡ, ଝାରସୁଗୁଡା (ଓଡ଼ିଶା), ଠାରେ କାର୍ଯ୍ୟରତ,ଦୃଢ ଭାବେ ନିଶ୍ଚିତ କରୁଛି ଏବଂ ନିମ୍ନମତେ ବ୍ୟକ୍ତ କରୁଛି :-
>
> ୧. ଯେ, ଝାରସୁଗୁଡ଼ାର ବେଲପାହାଡ଼ ଜିଲ୍ଲା ସ୍ଥିତ **ମେସର୍ସ ଟିଆରଏଲ କ୍ରୋସାକି ରିଫ୍ରାକ୍ଟୋରିଜ୍ ଲିମିଟେଡର ମୁଁ ମହାପ୍ରବନ୍ଧକ (ହିସାବ), ଏବଂ ଏହି ଅଭିଯୋଗ ଆବେଦନ ଦାଖଲ କରିବା ପାଇଁ ଉପଯୁକ୍ତ ଅଟେ ।**

୨. **ଯେ, ଉପରୋକ୍ତ ଅଭିଯୋଗପତ୍ରରେ ଅନୁଚ୍ଛେଦ: ୧ ରୁ ୧୩ ରେ ଉଲ୍ଲେଖିତ ତଥ୍ୟ: ମୋର ଜାଣିବାରେ, ବିଶ୍ୱାସ କରିବାରେ ଏବଂ ପ୍ରାସଙ୍ଗିକ ଦସ୍ତାବିଜ ଆଧାରରେ ସତ୍ୟ ଅଟେ ।"**

ଏହା ସହିତ, ସଂଜ୍ଞାନ ନେବାକୁ ସମର୍ଥ କରିବା ପାଇଁ ମାନ୍ୟବର ଏସଡିଜେଏମଙ୍କ ସମ୍ମୁଖରେ ମୌଖିକ ଶପଥ ବଦଳରେ ଦାଖଲ କରାଯାଇଥିବା ଶପଥପତ୍ରରେ ନିମ୍ନୋକ୍ତ ଦୃଢୋକ୍ତି ରହିଛି:-

> **"ଯେ ମୁଁ** କମ୍ପାନୀ ଅଧିନିୟମ ୧୯୫୬ ଅଧୀନରେ ଅନ୍ତର୍ଭୁକ୍ତ ଏବଂ ଓଡ଼ିଶା ଝାରସୁଗୁଡ଼ା ଜିଲ୍ଲାର ବେଲପାହାଡରେ ପଞ୍ଜୀକୃତ କାର୍ଯ୍ୟାଳୟ ଥିବା **ଅଭିଯୋଗକାରୀ କମ୍ପାନୀର ପ୍ରାଧିକୃତ ପ୍ରତିନିଧି, ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଏହି ଅଭିଯୋଗପତ୍ରଟି ଦାଖଲ କରିଛି ।**
>
> (ଗୁରୁତ୍ୱ ଦିଆଗଲା)

୧୪. ଉପରୋକ୍ତ ତଥ୍ୟର ଏକ ଅର୍ଥପୂର୍ଣ୍ଣ ଅଧ୍ୟୟନ ଏହା ସୂଚାଏ ଯେ କମ୍ପାନୀ ମହାପ୍ରବନ୍ଧକ (ହିସାବ) ଙ୍କୁ ପ୍ରାଧିକୃତ କରିଥିବା ଏବଂ ମହାପ୍ରବନ୍ଧକ (ହିସାବ) ଙ୍କର ବ୍ୟକ୍ତିଗତ ଜ୍ଞାନ ଥିବା ବାସ୍ତବରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି । ଯାହାକୁ ସତ୍ୟ ବୋଲି ଏକ ସ୍ପଷ୍ଟ ଦୃଢୋକ୍ତି ଭାବରେ ବିବେଚନା କରାଯାଇପାରିବ, ଏହାକୁ ଏକ ଶୃଙ୍ଖଳବଦ୍ଧତା ମଧ୍ୟରେ ରଖାଯାଇପାରିବ ନାହିଁ କିନ୍ତୁ ପରିସ୍ଥିତିରୁ ଏବଂ ପ୍ରତ୍ୟେକ ମାମଲାର ତଥ୍ୟ ଉପରେ ଆଧାର କରି ଏହାକୁ କେଉଁ ଉପାୟରେ ନିଶ୍ଚୟ କରି କୁହାଯାଇଛି ଏବଂ ସୂଚିତ କରାଯାଇଛି, ସେଥିରୁ ସଂଗ୍ରହ କରିବାକୁ ପଡିବ । ଅଭିଯୋଗ ପ୍ରସ୍ତୁତ କରିବାର ଶୈଳୀ ପ୍ରତ୍ୟେକ ମାମଲାରେ ଭିନ୍ନ ଭିନ୍ନ ହୋଇପାରେ ଏବଂ ତାହା ପ୍ରସ୍ତୁତ କରୁଥିବା ବ୍ୟକ୍ତିଙ୍କ ଦକ୍ଷତା ଉପରେ ମଧ୍ୟ ନିର୍ଭର କରିଥାଏ, ଯାହା କୌଣସି ମୂଳ ଅଧିକାରକୁ ପରାସ୍ତ କରିପାରିବ ନାହିଁ । ତେବେ ଏଥିପ୍ରତି ଧ୍ୟାନ ଦେବାର ଆବଶ୍ୟକତା ରହିଛି ଯେ ଆବେଦନରେ ଉପଲବ୍ଧ ବିଷୟବସ୍ତୁ ଅଭିଯୋଗ ଦାଏର କରିଥିବା ବ୍ୟକ୍ତି ପ୍ରାଧିକୃତ ଅଟନ୍ତି ଏବଂ ସେ ସମ୍ପର୍କରେ ଜାଣିଥିବା ଦାବି କରୁଥିବାର ଅର୍ଥ ସ୍ପଷ୍ଟ କରୁଛି କି ନାହିଁ । ଏଥି ସହ, ରେକର୍ଡରେ ଉପଲବ୍ଧ ଥିବା ସହାୟକ ଦସ୍ତାବିଜ ଏହି

ତଥ୍ୟକୁ ଦର୍ଶାଉଛି ଯେ, ଦେଣନେଣ କାରବାରର ସାକ୍ଷୀ ଥିବା ଏବଂ ମାମଲାର ଜ୍ଞାନ ରଖିଥିବା ଜଣେ ଅଧିକୃତ ବ୍ୟକ୍ତି ଗ୍ରହୀତା କମ୍ପାନୀ ତରଫରୁ ଅଭିଯୋଗ ଦାୟର କରିଥିଲେ ଏବଂ ସେଥିପାଇଁ ଏନ.ଆଇ. ଅଧିନିୟମର ଧାରା ୧୪୨ର ଆବଶ୍ୟକତା ପରିତୃଷ୍ଟ ହୋଇଥିଲା । **ବିନିତା ଏସ୍. ରାଓ ବନାମ ଏସେନ କର୍ପୋରେଟ ସର୍ଭିସେସ୍ (ପି) ଲିମିଟେଡ** (୨୦୧୫) ୧ ଏସ ସି ସି ୫୨୭ ମାମଲାରେ, ଆମ ମଧ୍ୟରୁ ଜଣେ (ମାନ୍ୟବର ସି ଜେ ଆଇ) ଏହି ବିଚାରପୀଠର ସଦସ୍ୟ ଥିଲେ, ଯିଏ କି ଅଭିଯୋଗ ପରିଚାଳନା ପାଇଁ ପର୍ଯ୍ୟାପ୍ତ ଅଭିଯୋଗ ଏବଂ କାରବାରର ସୂଚନା ପ୍ରଦାନ କରିବାର କ୍ଷମତା ଦର୍ଶାଇବା ପାଇଁ ଏ ପ୍ରକାରର ଆବେଦନକୁ ସ୍ୱୀକାର କରିଛନ୍ତି ।

୧୫. ରେକର୍ଡରେ ଉପଲବ୍ଧ ଦଲିଲ କ୍ଷମତା ହସ୍ତାନ୍ତର ସମ୍ବନ୍ଧୀୟ ଆବଶ୍ୟକତାକୁ ସନ୍ତୁଷ୍ଟ କରିବ ଏବଂ ତତ୍କାଳୀନ ମାମଲାରେ କମ୍ପାନୀର ପ୍ରତିନିଧିତ୍ୱ କରୁଥିବା ବ୍ୟକ୍ତିଙ୍କ ଦ୍ୱାରା ଦେଣନେଣ କାରବାରର ଜ୍ଞାନ ମଧ୍ୟ ତଥ୍ୟ ଉପରେ ସନ୍ତୁଷ୍ଟ କରିବ ବୋଲି ଆମର ଉପସଂହାର ସତ୍ତ୍ୱେ, ଆମ ପାଇଁ ଏହା ମଧ୍ୟ ଦୃଷ୍ଟିକୋଣରେ ରଖିବା ଆବଶ୍ୟକ ଯେ ଯଦିଓ **ଏ. ସି. ନାରାୟଣନ** (ପୂର୍ବୋକ୍ତ) ମାମଲାରେ ବିଚାରର କେନ୍ଦ୍ରବିନ୍ଦୁ ନିଆଯାଇଛି, ଏଥିରେ ଜଡିତ ତଥ୍ୟ ଅଭିଯୋଗକାରୀଙ୍କ ଜଣେ ବ୍ୟକ୍ତିବିଶେଷ ହେବାର ପୃଷ୍ଠଭୂମି ଥିଲା ଏବଂ ଦାଖଲ ହୋଇଥିବା ଅଭିଯୋଗ "ଗ୍ରହୀତା" ଙ୍କ ଦ୍ୱାରା ଜାରି କରାଯାଇଥିବା କ୍ଷମତାପତ୍ର ଉପରେ ଆଧାରିତ ଥିଲା, ଯିଏ ମଧ୍ୟ ଜଣେ ବ୍ୟକ୍ତିବିଶେଷ ଥିଲେ । ଏଭଳି ପରିସ୍ଥିତିରେ, ଏହି କ୍ଷମତା ପ୍ରୟୋଗ କରାଯାଉଥିବା ଉପାୟକୁ ସ୍ପଷ୍ଟ ଭାବେ ବର୍ଣ୍ଣନା କରାଯିବା ଆବଶ୍ୟକ, ଯାହାଦ୍ୱାରା ଅଭିଯୋଗକାରୀଙ୍କ ବିରୋଧରେ ମାମଲା ରୁଜୁ କରୁଥିବା ବ୍ୟକ୍ତିଙ୍କ ଅଧିକାର ପ୍ରତିଷ୍ଠା ହୋଇପାରିବ । ଅଭିଯୋଗକାରୀ ଯେତେବେଳେ କମ୍ପାନୀ କିମ୍ବା କର୍ପୋରେଟ ସତ୍ତା ହୋଇଥାନ୍ତି ସେତେବେଳେ ଯେଉଁ ସ୍ଥିତି ଉପୁଜିଥାଏ ତାହାକୁ ଭିନ୍ନ ଦୃଷ୍ଟିକୋଣରୁ ଦେଖିବାକୁ

ପଡ଼ିଥାଏ । ଏହି ପରିପ୍ରେକ୍ଷୀରେ **ସମ୍ରାଟ ସିପିଂ କୋ ପ୍ରା. ଲି. ବନାମ ଡଲି ଜର୍ଜ** (୨୦୦୨) ୯ ଏସସିସି ୪୫୫, ଯେଉଁ ଉପାୟରେ ସଂଜ୍ଞାନ ଗ୍ରହଣ କରିବାକୁ ମନା କରାଯାଇଥିଲା ଏବଂ ଅଭିଯୋଗକୁ ପ୍ରଥମରୁ ମାନ୍ୟବର ମାଜିଷ୍ଟ୍ରେଟଙ୍କ ଦ୍ୱାରା ବରଖାସ୍ତ କରାଯାଇଥିଲା, ତାହାକୁ ଅସ୍ୱୀକାର କରି ଏହି ନ୍ୟାୟାଳୟ ନିମ୍ନରେ କହିଛନ୍ତି:

> "୩. ଉଭୟ ପକ୍ଷଙ୍କ କଥା ଶୁଣିବା ପରେ ଆମ ସମ୍ମୁଖରେ ଆପତ୍ତି କରାଯାଇଥିବା ଆଦେଶକୁ ସମର୍ଥନ କରିବା କଷ୍ଟକର ମନେହେଉଛି । **ଗୋଟିଏ କମ୍ପାନୀ କେବଳ ମାନବ ସଂସ୍ଥା (ଏଜେନ୍ସି) ଜରିଆରେ ଅଭିଯୋଗ କରିପାରିବ । ଯେଉଁ ବ୍ୟକ୍ତି କମ୍ପାନୀ ତରଫରୁ ଅଭିଯୋଗ କରିଥିଲେ ସେ ଦାବି କରିଥିଲେ ଯେ ସେ କମ୍ପାନୀର ଅଧିକୃତ ପ୍ରତିନିଧି ଅଟନ୍ତି । ପ୍ରଥମ ଦୃଷ୍ଟିରୁ ହିଁ, ଅଭିଯୋଗ ଦାଖଲ ସମୟରେ ବିଚାର କରୁଥିବା ନ୍ୟାୟାଳୟ ଏହାକୁ ଗ୍ରହଣ କରିବା ଉଚିତ ଥିଲା । ଯଦି ଏହା ପ୍ରମାଣର ବିଷୟ ଅଟେ ଯେତେବେଳେ ଅଭିଯୁକ୍ତ ଅଭିଯୋଗ ଉପସ୍ଥାପନ କରିବା ପାଇଁ ଉକ୍ତ ବ୍ୟକ୍ତିଙ୍କ ଅଧିକାରକୁ ବିରୋଧ କରିଥିଲେ, ଅଭିଯୋଗକାରୀଙ୍କୁ ଏହାକୁ ପ୍ରମାଣ କରିବାକୁ ସୁଯୋଗ ଦିଆଯିବା ଉଚିତ ଥିଲା, କିନ୍ତୁ ବିଚାର ଆରମ୍ଭ ହେବା ପରେ ହିଁ ସେହି ସୁଯୋଗ ଦିଆଯିବା ଆବଶ୍ୟକ ।** ଜଣେ ବ୍ୟକ୍ତି ସଂକଳ୍ପର ପ୍ରମାଣିତ କପି ଉପସ୍ଥାପନ କରିନଥିବା କାରଣରୁ ଅଭିଯୋଗକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ବରଖାସ୍ତ କରିବା ଅତ୍ୟନ୍ତ ତରବରିଆ ପଦକ୍ଷେପ ବୋଲି ଜଣାପଡୁଛି । ତେଣୁ ଆମେ ଆକ୍ଷେପିତ ଆଦେଶକୁ ରଦ୍ଦ କରୁଛୁ ଏବଂ ବିଚାର କରୁଥିବା ନ୍ୟାୟାଳୟ ଏହି ମାମଲାର ଶୁଣାଣି ଜାରି ରଖିବାକୁ ଏବଂ ଆଇନ ଅନୁଯାୟୀ ଏହାର ଫୈସଲା କରିବାକୁ ନିର୍ଦ୍ଦେଶ ଦେଉଛୁ । ପକ୍ଷମାନଙ୍କୁ ୩୧.୦୧.୨୦୦୦ ରେ ବିଚାର କରୁଥିବା ନ୍ୟାୟାଳୟରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି ।"
>
> (ଗୁରୁତ୍ୱ ଦିଆଗଲା)

୧୬. ପୁନଶ୍ଚ, **ରାଷ୍ଟ୍ରୀୟ କ୍ଷୁଦ୍ର ଶିଳ୍ପ ନିଗମ ଲିମିଟେଡ ବନାମ ରାଜ୍ୟ (ଏନ ସି ଟି ଅଫ୍ ଦିଲ୍ଲୀ) ଏବଂ ଅନ୍ୟମାନେ** (୨୦୦୯) ୧ ଏସ ସି ସି ୪୦୭ ମାମଲାରେ, ଯଦିଓ ନ୍ୟାୟାଳୟ ସି ଆର ପି ସି ର ଦଫା ୨୦୦(କ) ର ପରିସରକୁ ଦୃଷ୍ଟିରେ ରଖି ଜଣେ ସରକାରୀ କର୍ମଚାରୀଙ୍କ ପରୀକ୍ଷା ବିରୋଧରେ ଉପଲବ୍ଧ ଛାଡ ସହିତ ଜଡ଼ିତ ପ୍ରସଙ୍ଗକୁ ବିଚାର କରୁଥିଲେ, ନ୍ୟାୟାଳୟ ଏନ୍.ଆଇ. ଅଧିନିୟମର ଧାରା ୧୩୮ ଅଧିନସ୍ଥ ଅଭିଯୋଗର ବୈଧତା ଏବଂ ଏହାର

ଧାରା ୧୪୨ ଅଧିନସ୍ଥ ଆବଶ୍ୟକତାର ସନ୍ତୁଷ୍ଟିକୁ ବିସ୍ତାରରେ ବିବେଚନା କରିଛନ୍ତି । ଏହି ପରିପ୍ରେକ୍ଷୀରେ ଏହି ନ୍ୟାୟାଳୟ ନିମ୍ନଲିଖିତ ରାୟ ପ୍ରଦାନ କରିଛନ୍ତି:

> "୧୪. "ଅଭିଯୋଗକାରୀ" ଶବ୍ଦକୁ ସଂହିତା ଅଧୀନରେ ପରିଭାଷିତ କରାଯାଇ ନାହିଁ । ଏନ.ଆଇ. ଅଧିନିୟମର ଧାରା ୧୪୨ ଅନୁଯାୟୀ ଗ୍ରହୀତା (କିମ୍ବା ଧାରକଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟରେ) ଦ୍ୱାରା ସେହି ଅଧିନିୟମର ଧାରା ୧୩୮ ଅଧୀନସ୍ଥ ଅଭିଯୋଗ ହୋଇଥିବା ଆବଶ୍ୟକ । ତେଣୁ ଏହା ସ୍ପଷ୍ଟ ଯେ ଚେକ ଅଗ୍ରାହ୍ୟ ହେବା ସମ୍ପର୍କିତ ଅଭିଯୋଗରେ (ଯାହାକୁ ଗ୍ରହୀତା ଦ୍ୱାରା କାହା ସପକ୍ଷରେ ସମର୍ଥନ କରାଯାଇନାହିଁ) କେବଳ ଗ୍ରହୀତା ହିଁ ଅଭିଯୋଗକାରୀ ହୋଇପାରିବ । ଏନ୍. ଆଇ. ଅଧିନିୟମ କେବଳ ବ୍ୟବସ୍ଥା ପ୍ରଦାନ କରୁଛି ଯେ ଏକ ଚେକର ଅଗ୍ରାହ୍ୟ ଏକ ଅପରାଧ ହେବ ଏବଂ ସେହି ଅଧିନିୟମର ଧାରା ୧୩୮ ଅଧିନସ୍ଥ ଦଣ୍ଡନୀୟ ଅପରାଧଗୁଡିକର କାର୍ଯ୍ୟାନୁଷ୍ଠାନ କେଉଁ ଉପାୟରେ ସଂଜ୍ଞାନ କରାଯିବ । ତେବେ ଯାହାହେଉ, କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା, ବିଚାରଣ ଏବଂ ଏହିପରି ଅଭିଯୋଗଗୁଡ଼ିକର ସମାଧାନ ସମ୍ବନ୍ଧୀୟ ପ୍ରକ୍ରିୟା ସଂହିତା ଦ୍ୱାରା ପରିଚାଳିତ ହୋଇଥାଏ । ସଂହିତାର ଧାରା ୨୦୦ ରେ କୁହାଯାଇଛି ଯେ ମାଜିଷ୍ଟ୍ରେଟ, ଅଭିଯୋଗକୁ ବିଚାରକୁ ନେବା ପରେ, ଶପଥ ଗ୍ରହଣ କରାଇ ଅଭିଯୋଗକାରୀ ଏବଂ ଉପସ୍ଥିତ ସାକ୍ଷୀଙ୍କ ପରୀକ୍ଷା କରିବେ ଏବଂ ଏପରି ପରୀକ୍ଷାକୁ ଲିଖିତକାରରେ ଲିପିବଦ୍ଧ କରାଯିବ ଏବଂ ଅଭିଯୋଗକାରୀ ଏବଂ ସାକ୍ଷୀମାନଙ୍କ ଦ୍ୱାରା ସ୍ୱାକ୍ଷର କରାଯିବ । **ଏନ.ଆଇ ଅଧିନିୟମର ଧାରା ୧୪୨ ର ଆବଶ୍ୟକତା ଯେ ଗ୍ରହୀତା ଅଭିଯୋଗକାରୀ ହେବେ, ସେତେବେଳେ ପୂରଣ ହେବ ଯଦି ଗ୍ରହୀତାଙ୍କ ନାମରେ ଅଭିଯୋଗ ଦାଖଲ ହୋଇଥାଏ । ଯଦି ଗ୍ରହୀତା ଏକ କମ୍ପାନୀ ଅଟେ, ତେବେ ଅଭିଯୋଗ କମ୍ପାନୀର ନାମରେ ଦାଖଲ କରାଯିବା ଆବଶ୍ୟକ, ଯଦି କମ୍ପାନୀ ଅଭିଯୋଗକାରୀ ଅଟେ । ଏକ କମ୍ପାନୀର ପ୍ରତିନିଧିତ୍ୱ ଜଣେ କର୍ମଚାରୀ କରିପାରିବେ କିମ୍ବା ଏପରିକି ଜଣେ ପ୍ରାଧିକୃତ ଓ କ୍ଷମତାପନ୍ନ ହୋଇଥିବା ଅଣ-କର୍ମଚାରୀଙ୍କ ଦ୍ୱାରା ସଂକଳ୍ପ ବା କ୍ଷମତାପତ୍ର ପ୍ରଦାନପୂର୍ବକ କମ୍ପାନୀର ପ୍ରତିନିଧିତ୍ୱ କରାଯାଇପାରିବ ।**
>
> ୧୬. **ଦଫା ୧୪୨ ଅନୁଯାୟୀ ଅଭିଯୋଗ ଗ୍ରହୀତାଙ୍କ ନାମରେ ହେବା ଆବଶ୍ୟକ । ଯେଉଁଠି ଅଭିଯୋଗକାରୀ କମ୍ପାନୀ, ସେଠାରେ କିଏ କମ୍ପାନୀର ପ୍ରତିନିଧିତ୍ୱ କରିବ ଏବଂ କମ୍ପାନୀର ପ୍ରତିନିଧିତ୍ୱ ଏ ପ୍ରକାର କାର୍ଯ୍ୟପ୍ରକ୍ରିୟାରେ କିଭଳି ଭାବେ କରାଯିବ, ତାହା ସଂହିତା ଦ୍ୱାରା ପରିଚାଳିତ ନୁହେଁ ବରଂ କମ୍ପାନୀ ସମ୍ବନ୍ଧୀୟ ପ୍ରାସଙ୍ଗିକ ଆଇନ ଦ୍ୱାରା ପରିଚାଳିତ ହେବ । ସଂହିତାର ଧାରା ୨୦୦ ବାଧ୍ୟତାମୂଳକ ଭାବରେ ଅଭିଯୋଗକାରୀଙ୍କ ଏକ ପରୀକ୍ଷା ଆବଶ୍ୟକ କରେ; ଏବଂ ଯେଉଁଠାରେ ଅଭିଯୋଗକାରୀ ଏକ ଅଭୌତିକ ସଂସ୍ଥା, ସ୍ପଷ୍ଟ ଭାବରେ କେବଳ ଜଣେ କର୍ମଚାରୀ କିମ୍ବା ପ୍ରତିନିଧିଙ୍କୁ ଏହା ତରଫରୁ ପରୀକ୍ଷା କରାଯାଇପାରିବ, ଫଳସ୍ୱରୂପ, କମ୍ପାନୀ**

**ଏକ ଆଇନଗତ ଅଭିଯୋଗକାରୀ ହୋଇଯାଏ ଏବଂ ଅପରାଧିକ ପ୍ରକ୍ରିୟାରେ ଏହାର ପ୍ରତିନିଧିତ୍ୱ କରୁଥିବା ଏହାର କର୍ମଚାରୀ କିମ୍ବା ଅନ୍ୟ ପ୍ରତିନିଧି, ପ୍ରକୃତ ଅଭିଯୋଗକାରୀ ହୁଅନ୍ତି । ତେଣୁ ପ୍ରତ୍ୟେକ ଅଭିଯୋଗରେ, ଯେଉଁଠାରେ ଅଭିଯୋଗକାରୀ ଏକ ଅଭୌତିକ / ଅଶରୀରୀ ସଂସ୍ଥା, ଜଣେ ଅଭିଯୋଗକାରୀ – ଆଇନଗତ ଏବଂ ଜଣେ ଅଭିଯୋଗକାରୀ - ପ୍ରକୃତ ଭାବେ ଥାଆନ୍ତି । ଧାରା ୨୦୦ ର ପ୍ରାବଧାନର ଖଣ୍ଡ (କ) ରେ ବ୍ୟବସ୍ଥା ରହିଛି ଯେ, ଅଭିଯୋଗକାରୀ ଯଦି ଜଣେ ସରକାରୀ କର୍ମଚାରୀ, ତେବେ ଅଭିଯୋଗକାରୀ ଏବଂ ତାଙ୍କ ସାକ୍ଷୀମାନଙ୍କୁ ପରୀକ୍ଷା କରିବାର ଆବଶ୍ୟକତା ପଡ଼ିବ ନାହିଁ ।** ଯେଉଁଠାରେ ଅଭିଯୋଗକାରୀ ଜଣେ କର୍ମଚାରୀ ଦ୍ୱାରା ପ୍ରତିନିଧିତ୍ୱ କରାଯାଉଥିବା ଏକ ଅଭୌତିକ / ଅଶରୀରୀ ସଂସ୍ଥା, ସେଠାରେ ସରକାରୀ କର୍ମଚାରୀ ପ୍ରକୃତ ଅଭିଯୋଗକାରୀ ହୋଇଥାନ୍ତି ଏବଂ ଅଭିଯୋଗରେ ସ୍ୱାକ୍ଷର କରିବା ଏବଂ ଉପସ୍ଥାପନ କରିବା ସମୟରେ ସେ ନିଜର ସରକାରୀ କର୍ତ୍ତବ୍ୟ ନିର୍ବାହ କରିଥାନ୍ତି । ଅତଏବ, ଏହି ଅନୁସରଣରେ ଏ'ପରି ମାମଲାଗୁଡିକରେ, ସଂହିତାର ଧାରା ୨୦୦ ର ଖଣ୍ଡ (କ) ଅଧୀନର ପ୍ରଥମ ସର୍ତ୍ତର ଅବ୍ୟାହତି ଉପଲବ୍ଧ ହେବ ।

୧୯. **ଫଳସ୍ୱରୂପ, ଯେତେବେଳେ ଏକ ଅଭିଯୋଗରେ କୌଣସି କମ୍ପାନୀ କିମ୍ବା ନିଗମ ନିକାୟ ସପକ୍ଷରେ ଚେକ ଅଗ୍ରାହ୍ୟ ସମ୍ପର୍କରେ ଜାରି ହୁଏ, ଏନ.ଆଇ ଅଧିନିୟମର ଧାରା ୧୪୨ର ଉଦ୍ଦେଶ୍ୟ ପାଇଁ, କମ୍ପାନୀ ଅଭିଯୋଗକାରୀ ହେବ, ଏବଂ ସଂହିତାର ଧାରା ୨୦୦ ଉଦ୍ଦେଶ୍ୟ ପାଇଁ, ଏହାର କର୍ମଚାରୀ ଯିଏ କମ୍ପାନୀ କିମ୍ବା ନିଗମ ନିକାୟର ପ୍ରତିନିଧିତ୍ୱ କରନ୍ତି, ପ୍ରକୃତ ଅଭିଯୋଗକାରୀ ହେବେ । ଏପରି ଏକ ଅଭିଯୋଗରେ, ଆଇନଗତ ଅଭିଯୋଗକାରୀ, ଯଥା, କମ୍ପାନୀ କିମ୍ବା ନିଗମ ନିକାୟ ଏକା ରହିବ କିନ୍ତୁ ଏହିପରି ଆଇନଗତ ଅଭିଯୋଗକାରୀଙ୍କୁ ପ୍ରତିନିଧିତ୍ୱ କରୁଥିବା ପ୍ରକୃତ ଅଭିଯୋଗକାରୀ (କର୍ମଚାରୀ) ସମୟ ସମୟରେ ପରିବର୍ତ୍ତନ ହୋଇପାରିବେ ।** ଏବଂ ଯଦି ପ୍ରକୃତ ଅଭିଯୋଗକାରୀ ଜଣେ ସରକାରୀ କର୍ମଚାରୀ, ତେବେ ସଂହିତାର ଧାରା ୨୦୦ର ପ୍ରାବଧାନର ଖଣ୍ଡ (କ) ଅଧୀନରେ ଅବ୍ୟାହତି ଉପଲବ୍ଧ ହେବ, ଯଦିଓ ଅଭିଯୋଗ ଏକ କମ୍ପାନୀ କିମ୍ବା ନିଗମ ନିକାୟ ନାମରେ କରାଯାଇଛି ।"

(ଗୁରୁତ୍ୱ ପ୍ରଦାନ କରାଗଲା)

୧୭. ଏହି ଦୃଷ୍ଟିକୋଣରୁ ଯେତେବେଳେ କୌଣସି କମ୍ପାନୀ ଏନ.ଆଇ. ଅଧିନିୟମର ଧାରା ୧୩୮ ଅଧିନସ୍ଥ ଅଭିଯୋଗ ଦାଖଲ କରୁଥିବା ଚେକର ଗ୍ରହୀତା ହୋଇଥାନ୍ତି, ସେତେବେଳେ ଅଭିଯୋଗକାରୀ ନିହାତି କମ୍ପାନୀ ହିଁ ହେବା ଆବଶ୍ୟକ, ଯାହାକୁ କୌଣସି ପ୍ରାଧିକାରପ୍ରାପ୍ତ କର୍ମଚାରୀ ପ୍ରତିନିଧିତ୍ୱ କରିପାରିବେ । ପ୍ରଥମ ଦୃଷ୍ଟିରେ, ଏପରି ପରିସ୍ଥିତିରେ ଅଭିଯୋଗରେ

ଏବଂ ଶପଥ ବିବୃତିରେ (ମୌଖିକ କିମ୍ବା ସତ୍ୟପାଠ ଦ୍ୱାରା) ଅଭିଯୋଗକାରୀ (କମ୍ପାନୀ)ଙ୍କୁ ଜଣେ ପ୍ରାଧିକୃତ ବ୍ୟକ୍ତି ପ୍ରତିନିଧିତ୍ୱ କରୁଛନ୍ତି ଯାହାଙ୍କ ପାଖରେ ଜ୍ଞାନ ଅଛି ବୋଲି ଦର୍ଶାଇଲେ ତାହା ଯଥେଷ୍ଟ ହେବ । *"କ୍ଷମତାପତ୍ର ଧାରକଙ୍କ ଜ୍ଞାନ ବିଷୟରେ ବିନିର୍ଦ୍ଦିଷ୍ଟ ଦୃଢ କଥନ"* ଏବଂ **ଏ. ସି. ନାରାୟଣନ** (ପୂର୍ବୋକ୍ତ) ଅନୁସାରେ ଜ୍ଞାନ ବିଷୟରେ ଏହିପରି ଦୃଢ କଥନ, *"ସ୍ପଷ୍ଟ ଭାବେ କୁହାଯିବା ଉଚିତ"*, ଭଳି ଶବ୍ଦର ପ୍ରୟୋଗର ଅର୍ଥ ଏହା ବୁଝାଯିବନି ଯେ କୌଣସି ନିର୍ଦ୍ଦିଷ୍ଟ ଢଙ୍ଗରେ ଦୃଢ କଥନ ହେବା ଉଚିତ, ତେବେ ମାମଲାର ଅଭିଯୁକ୍ତଙ୍କ ଦ୍ୱାରା ବୁଝାଯାଇଥିବା ଭଳି ଜମା ନୁହେଁ । କେବଳ ଏତିକି ବିଜ୍ଞ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ପ୍ରଦର୍ଶନ କରିବା ଆବଶ୍ୟକ ଅଟେ ଯେ "ଗ୍ରହୀତା"ଙ୍କ ନାମରେ ଅଭିଯୋଗ ଦାଖଲ ହୋଇଛି ଏବଂ ଅଭିଯୋଗ ଉପରେ ମକଦ୍ଦମା କରୁଥିବା ବ୍ୟକ୍ତିଜଣକ ଯଦି ଗ୍ରହୀତାଙ୍କ ଠାରୁ ଭିନ୍ନ, ତେବେ ସେଥିପାଇଁ ଅଧିକାର ଅର୍ପଣ ଦିଆଯାଇଛି ଏବଂ ଅଭିଯୋଗର ବିଷୟବସ୍ତୁଟି ତାଙ୍କର ଜ୍ଞାତବ୍ୟ ଅଛି । ଯେତେବେଳେ ଅଭିଯୋଗକାରୀ / ଗ୍ରହୀତା ଏକ କମ୍ପାନୀ ଅଟେ, ସେତେବେଳେ ଜଣେ ପ୍ରାଧିକୃତ କର୍ମଚାରୀ କମ୍ପାନୀର ପ୍ରତିନିଧିତ୍ୱ କରିପାରିବେ । ଏଭଳି ସତ୍ୟ ଉପରେ ଦୃଢୋକ୍ତି ଏବଂ ପ୍ରଥମ ଦୃଷ୍ଟିଗତ ତଥ୍ୟ ବିଜ୍ଞ ମାଜିଷ୍ଟ୍ରେଟଙ୍କର ସଂଜ୍ଞାନ ନେବା ଏବଂ ପ୍ରକ୍ରିୟା ଜାରି କରିବା ପାଇଁ ଯଥେଷ୍ଟ ଅଟେ । ଯଦି ଅଭିଯୋଗ ଦାୟର କରୁଥିବା ବ୍ୟକ୍ତିଙ୍କ ପ୍ରାଧିକାର ବିରୋଧରେ କୌଣସି ସାଂଘାତିକ ବିବାଦ ରହିଛି କିମ୍ବା ଅଭିଯୋଗ ଦାଖଲ କରିଥିବା ବ୍ୟକ୍ତିଙ୍କ ଦେଣନେଣ କାରବାର ବିଷୟରେ କୌଣସି ଜ୍ଞାନ ନାହିଁ ବୋଲି ଦର୍ଶାଇବାକୁ ଅଛି, ଏବଂ ଯେଉଁ କାରଣରୁ ସେହି ବ୍ୟକ୍ତିଜଣକ ଅଭିଯୋଗ ରୁଜୁ କରିବା ଏବଂ ମକଦ୍ଦମା ଚଳାଇବା ନଥିଲା , ଏହି ସ୍ଥିତିକୁ ବିବାଦରେ ଆଣିବାକୁ ଏବଂ ବିଚାରଣ ସମୟରେ ଏହାକୁ ପ୍ରତିପାଦନ କରିବାକୁ ଅଭିଯୁକ୍ତଙ୍କ ପାଇଁ ଉନ୍ମୁକ୍ତ ରହିବ । **ସମ୍ରାଟ ସିପିଂ କମ୍ପାନୀ ପ୍ରାଇଭେଟ ଲିମିଟେଡ** (ପୂର୍ବୋକ୍ତ) ରେ ଯାହା ଉଲ୍ଲେଖ କରାଯାଇଛି, ଅଧିକାର ଅର୍ପଣ ପ୍ରଶ୍ନ

ଉପରେ କୌଣସି ଅଭିଯୋଗକୁ ମାଜିଷ୍ଟ୍ରେଟଙ୍କ ଦ୍ୱାରା ପ୍ରଥମରୁ ଖାରଜ କରି ଦେବାଟା ଯୁକ୍ତିଯୁକ୍ତ ହେବ ନାହିଁ । ସେହିପରି ଏଭଳି ପରିସ୍ଥିତିରେ ମାଜିଷ୍ଟ୍ରେଟଙ୍କ ଦ୍ୱାରା ସଂଜ୍ଞାନ ନେଇ ଦିଆଯାଇଥିବା ଆଦେଶକୁ ରଦ୍ଦ କରିବା ଲାଗି ଦଫା ୪୮୨ ଅଧୀନରେ ଆବେଦନକୁ ପ୍ରୋତ୍ସାହିତ କରିବା ଅନୁଚିତ ହେବ ବୋଲି ଆମ୍ଭର ମତ ଅଟେ, ଯେତେବେଳେ କି ଉପଯୁକ୍ତ ଅଧିକାର ଅର୍ପଣ ତଥା ଜ୍ଞାନ ରହିବା ପ୍ରସଙ୍ଗ କେବଳ ବିଚାରଣ ପାଇଁ ଏକ ପ୍ରସଙ୍ଗ ହୋଇପାରେ ।

୧୮. ଏହି ପ୍ରସଙ୍ଗକୁ ଦୃଷ୍ଟିରେ ରଖି, ଆମ୍ଭର ମତ ଏହି କି ଯେ ଆବେଦନକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଅଭିଯୋଗକୁ ବିଚାରକୁ ନେଇ ଉଚ୍ଚ ନ୍ୟାୟାଳୟ ସି ଆର ପି ସି ର ଦଫା ୪୮୨ ଅଧୀନରେ ଦାଖଲ କରାଯାଇଥିବା ଆବେଦନକୁ ପ୍ରୋତ୍ସାହିତ କରିବା ଏବଂ ତା ୦୫.୧୧.୨୦୧୫ ରିଖରେ ଅଭିଯୋଗର ସଂଜ୍ଞାନ ନେଇ ଦିଆଯାଇଥିବା ଆଦେଶକୁ ରଦ୍ଦ କରିବା ଉଚିତ ନଥିଲା ।

ତଦନୁସାରେ, ଆମେ ନିମ୍ନଲିଖିତ ଆଦେଶ ଜାରି କରୁଛୁ;

i. ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକର ସି ଆର ଏଲ, ଏମ ସି ସଂଖ୍ୟା ୧୨୧୦/୨୦୧୭ ରେ ତା ୧୪.୧୨.୨୦୧୭ ରିଖରେ ଦିଆଯାଇଥିବା ରାୟକୁ ରଦ୍ଦ କରୁଛୁ ।

ii. ୨୦୧୫ ର ଆଇ. ସି. ସି. ସଂଖ୍ୟା ୪୨୨ ମାମଲାରେ ହୋଇଥିବା ଅଭିଯୋଗକୁ ଝାରସୁଗୁଡାର ମାନ୍ୟବର ଏସ ଡି ଜେ ଏମ ଙ୍କର ଫାଇଲକୁ ପୁନଃସ୍ଥାପିତ କରାଯାଇଛି ଏବଂ ମାମଲାର ପକ୍ଷମାନଙ୍କର ଉପସ୍ଥିତିର ପ୍ରଥମ ତାରିଖ ପାଇଁ ତା ୧୫.୦୩.୨୦୨୨ ରିଖରେ ମାମଲା ସୂଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

iii. ଯେଉଁ ପ୍ରତିବାଦୀ ଏଠାରେ ଉପସ୍ଥିତ ହୋଇଛନ୍ତି ଏବଂ ତାଙ୍କର ପ୍ରତିନିଧିତ୍ୱ ଜଣେ ଓକିଲ କରୁଛନ୍ତି, ସେ ସାନି ଡାକରା ଜାରି କରାଯିବାର ଆଶା ନ କରି ଯେଉଁ କାର୍ଯ୍ୟଧାରା ପୂର୍ବରୁ ଜାରି କରାଯାଇଛି ତାହା ଜାରି ରଖିବା ଲାଗି ଉକ୍ତ ତାରିଖରେ ବିଜ୍ଞ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଉପସ୍ଥିତ ହେବେ ।

iv. ଅଭିଯୋଗଟି ୨୦୧୫ ମସିହାର ଅଟେ, ଏହି ତଥ୍ୟକୁ ଧ୍ୟାନରେ ରଖି, ଏହା ଉପରେ ଆହୁରି ତ୍ୱରାନ୍ୱିତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଉପରୋକ୍ତ ସୂଚିତ ପ୍ରଥମ ତାରିଖ ଠାରୁ ଛଅ ମାସ ମଧ୍ୟରେ ଶେଷ କରାଯିବ ।

v. ତଦନୁସାରେ ପ୍ରତିବାଦୀ ଦ୍ୱାରା ବାଦୀକୁ ଖର୍ଚ୍ଚ ବାବଦରେ ୧,୦୦,୦୦୦/- (ଏକ ଲକ୍ଷ ଟଙ୍କା ମାତ୍ର) ମୂଲ୍ୟ ନିର୍ଦ୍ଧାରଣ କରିବା ସହିତ ଆବେଦନକୁ ଅନୁମତି ଦିଆଯାଉଛି ।

୧୯. ଯଦି କୌଣସି ଆବେଦନଗୁଡିକ ବିଚାରଧୀନ ରହିଛି, ତା'ହେଲେ ସେଗୁଡିକର ପରିସମାପ୍ତି ହେବ ।

**.......ଭାରତର ମୁଖ୍ୟ ନ୍ୟାୟମୂର୍ତ୍ତି**
**(ଏନ. ଭି. ରମଣ)**

**..........................ନ୍ୟାୟମୂର୍ତ୍ତି**
**(ଏ. ଏସ୍. ବୋପାନ୍ନା)**

**..........................ନ୍ୟାୟମୂର୍ତ୍ତି**
**(ହିମା କୋହଲି)**

**ନୂଆଦିଲ୍ଲୀ;**
**ଫେବୃଆରୀ ୨୨, ୨୦୨୨**

# ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇ ନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡିଶା ଉଚ୍ଚ ନ୍ୟାୟାଳୟ, କଟକ**